## ଆଜି କ'ଣ କେଉଁଠି

ବ୍ରହ୍ମପୁର

- ବିଏମସି କର୍ପୋରେଶନ ବୈଠକ। ସ୍ଥାନ-ବିଏମସି ନୂତନ ସମ୍ମିଳନୀ କକ୍ଷ। ସମୟ-ଅପରାହ୍ନ ୪ଟା।

## ସଂକ୍ଷେପରେ

### ଆଦିବାସୀ ଜନସମୂହଙ୍କ ଉନ୍ନତୀକରଣ ଶୀର୍ଷକ ସେମିନାର

ବ୍ରହ୍ମପୁର,୧୨।୧୦(ତନୁଶ୍ରୀ ନାହାକ)

ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ସିଏସଇଆଇପିର ନିର୍ଦ୍ଦେଶକ ଏବଂ ଅର୍ଥନୀତି ବିଭାଗର ସହଯୋଗୀ ପ୍ରଫେସର ଡକ୍ଟର ମୃତ୍ୟୁଞ୍ଜୟ ସ୍ୱାଇଁଙ୍କ ତତ୍ତ୍ୱାବଧାନରେ ସିନେଟ ହଲଠାରେ ଆଦିବାସୀ ଜନସମୂହର ଉନ୍ନତୀକରଣ ଶୀର୍ଷକ ସେମିନାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଗୀତାଞ୍ଜଳି ଦାଶ ଅଧ୍ୟକ୍ଷତା କରି କହିଥିଲେ, ସମାଜରେ ପରମ୍ପରାଗତ, ସାଂସ୍କୃତିକ, କୃଷିକ୍ଷେତ୍ର ଓ ପରିବେଶର ଉନ୍ନତିକରଣରେ ଆଦିବାସୀମାନଙ୍କର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି କହିଥିଲେ। ତେଣୁ ସେମାନଙ୍କ ଉନ୍ନତୀ ନିମନ୍ତେ ସମାଜର ସବୁ ବର୍ଗ ପ୍ରୟାସ ଜାରି ରହିବା ଉଚିତ। ସେମିନାରରେ ବିଶିଷ୍ଟ ବକ୍ତାଭାବରେ ସିଏସଇଆଇପିର ନିର୍ଦ୍ଦେଶକ ପ୍ରଫେସର ଏସ. ଏନ ତ୍ରିପାଠୀ ଓ ବିଶ୍ଳେଷଣାତ୍ମକ ଆଦିବାସୀ ଗବେଷଣା କେନ୍ଦ୍ର, କୋରାପୁଟର ନିର୍ଦ୍ଦେଶକ ପ୍ରଫେସର ପି.ସି. ମହାପାତ୍ର ଯୋଗ ଦେଇଥିଲେ। ଆଇ କ୍ୟୁ.ଏସ.ଇର ନିର୍ଦ୍ଦେଶକ ତଥା ଅର୍ଥନୀତି ବିଭାଗର ମୁଖ୍ୟ ପ୍ରଫେସର ଡକ୍ଟର ସୁଧାକର ପାତ୍ର ଓ ବିଶ୍ୱବିଦ୍ୟାଳୟର ଉନ୍ନୟନ ଅଧିକାରୀ ଡକ୍ଟର ସାରଦା ପ୍ରସାଦ ସାହୁ ଉପସ୍ଥିତ ରହିଥିଲେ। ପାଠଚକ୍ରରେ ବିଶ୍ୱବିଦ୍ୟାଳୟର ଅନେକ ଶିକ୍ଷକ, ଗବେଷକ ଓ ଛାତ୍ରଛାତ୍ରୀମାନେ ଯୋଗ ଦାନ କରିଥିଲେ।

### ସାଂସ୍କୃତିକ ଓ ସାହିତ୍ୟ ଅନ୍ୱେଷଣ କାର୍ଯ୍ୟକ୍ରମ

#### ରାମନାରାୟଣ ମହାବିଦ୍ୟାଳୟ

ବ୍ରହ୍ମପୁର,୧୨।୧୦(ତନୁଶ୍ରୀ ନାହାକ)

ଡୁରା ରାମନାରାୟଣ ମହାବିଦ୍ୟାଳୟରେ ସାଂସ୍କୃତିକ ଓ ସାହିତ୍ୟ ଅନ୍ୱେଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମହାବିଦ୍ୟାଳୟ ଅଧ୍ୟକ୍ଷ ଡ଼.ପିନାକ ମହାନ୍ତି ଅଧ୍ୟକ୍ଷତା କରିଥିଲେ। ଉଦଯାପନୀରେ ଜିଲା ପରିଷଦ ଉନ୍ନୟନ ଅଧିକାରୀ ଭି.କିର୍ତ୍ତିଭାସନ ଅତିଥି ଭାବେ ଯୋଗଦେଇ ସରକାରଙ୍କ ଦ୍ୱାରା ଆରମ୍ଭ ହୋଇଥିବା ଏହି କାର୍ଯ୍ୟକ୍ରମ ସ୍ୱାଗତଯୋଗ୍ୟ ବୋଲି କହିଥିଲେ। ବିଦ୍ୟାର୍ଥୀଙ୍କ ମଧ୍ୟରେ ଥିବା ପ୍ରତିଭାକୁ ପ୍ରୋତ୍ସାହିତ କରିବା ଏହି କାର୍ଯ୍ୟକ୍ରମର ମୂଳଲକ୍ଷ୍ୟ। ପ୍ରତିଯୋଗିତାରେ ଛାତ୍ରୀଛାତ୍ରମାନେ ଇଂରାଜୀ ଓ ଓଡ଼ିଆରେ କବିତା ଆବୃତ୍ତି କରିଥିଲେ। କାର୍ଯ୍ୟକ୍ରମରେ କବିତା, ପ୍ରବନ୍ଧ, ନୃତ୍ୟଗୀତ ପ୍ରତିଯୋଗିତା ହୋଇଥିଲା। ମୁଖ୍ୟ ଅତିଥି କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରିଥିଲେ। ମହାବିଦ୍ୟାଳୟ ସାଂସ୍କୃତିକ ବିଭାଗ ମୁଖ୍ୟ ଅର୍ଚ୍ଚନା ପାଣିଗ୍ରାହୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ଲୁଟେରାଙ୍କ ଟାର୍ଗେଟରେ ତାଲାବନ୍ଦ ଘର

ବ୍ରହ୍ମପୁର,୧୨।୧୦(ସୁବାସ ଚନ୍ଦ୍ର ପାଢ଼ୀ)

ସହରର ଦୁଇଟି ଥାନା ଅଞ୍ଚଳରେ ୩ଟି ଚୋରି ଘଟଣା ସାମ୍ନାକୁ ଆସିଛି। ହିଞ୍ଜିଳିକାଟୁ ବଡଖଣ୍ଡିର ମୂଳନିବାସୀ ଚନ୍ଦ୍ରଶେଖର ସେଠୀ ବର୍ତ୍ତମାନ ନିମଖଣ୍ଡି ଥାନା ଅନ୍ତର୍ଗତ ଶାନ୍ତିନଗରରେ ରହୁଛନ୍ତି। ସେ ଗତ ୧ତାରିଖରେ ମହାଳୟା ଶ୍ରାଦ୍ଧ ପାଇଁ ପରିବାର ସହ ଘରେ ତାଲା ପକାଇ ଗାଁକୁ ଯାଇଥିଲେ। ୬ ତାରିଖରେ ଶାନ୍ତିନଗର ଫେରିବାରେ ଘର ତାଲା ଭଙ୍ଗା ଯାଇ ଆଲମିରାରୁ ଦୁଇଟି ସୁନା ମୁଦି, ହଳେ କାନ ଫୁଲ, ଗୋଟିଏ ସୁନା ଚେନ ଓ ୧୧୦୦୦ ଟଙ୍କା ନେଇ ଯାଇଥିବା ଦେଖିଥିଲେ। ଏନେଇ ନିମଖଣ୍ଡି ଥାନାରେ ଅଭିଯୋଗକ୍ରମେ ପୋଲିସ ନଂ.୩୨୨/୨୩ରେ ଏକ ମାମଲା ରୁଜୁ କରିଛି। ସେହିପରି ଉକ୍ତ ଥାନା ଅନ୍ତର୍ଗତ ଶକ୍ତିନଗର ୭ମ ଲାଇନରେ ଡ଼ି. ସଂଜୀବ କୁମାର ତାଲା ବନ୍ଦ ଘରୁ ଇନଭର୍ଟର ଓ ଅନ୍ୟାନ୍ୟ ସାମଗ୍ରୀ ଚୋରି ହୋଇଥିବା ସେ ଅଭିଯୋଗ କରିଛନ୍ତି। ପୋଲିସ ୩୨୩/୨୩ ରେ ଏକ ମାମଲା ରୁଜୁ କରିଛି। ସେହିପରି ବୈଦ୍ୟନାଥପୁର ଥାନା ଅନ୍ତର୍ଗତ ଶ୍ରୀହରି ନଗରରେ ରହୁଥିବା ପୂର୍ଣ୍ଣିବାସୀ ସାହୁ ଓ ତାଙ୍କ ସ୍ୱାମୀ ଗତ ୫ତାରିଖରେ ପୁରୀ ଯାଇଥିଲେ। ଗତ ୮ତାରିଖ ସେମାନେ ଘରକୁ ଫେରିବାରେ ଘର ସମ୍ମୁଖ ଭାଗ ତାଲା ଭଙ୍ଗା ଯାଇଥିବା ବେଳେ ଲୁଟିଆ ମାନେ ଘରେ ପଶି ଅଲମୀରା ଭିତରେ ଥିବା ସୁନା ଗହଣା, ଲାପଟପ ଓ ନଗଦ ୪୦ହଜାର ଟଙ୍କା ଚୋରି କରି ନେଇଯାଇଥିଲେ। ସେ ଏନେଇ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ୫୧୫/୨୩ରେ ଏକ ମାମଲା ରୁଜୁ କରି ତଦନ୍ତ କରୁଥିବା କହିଛି।

# କ୍ରୀଡ଼ା ଭିତ୍ତିଭୂମିର ବିକାଶ ପାଇଁ ଉଚ୍ଚଶିକ୍ଷା ବିଭାଗକୁ ଚିଠି



ବୈଠକରେ ମଞ୍ଚାସୀନ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ।

ବ୍ରହ୍ମପୁର ,୧୨।୧୦ (ତନୁଶ୍ରୀ ନାହାକ)

**ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ**
- କ୍ରୀଡ଼ା ପରିଷଦର ବାର୍ଷିକ ସାଧାରଣ ବୈଠକ
- ୨୦୨୩-୨୪ ପାଇଁ ୫୧ ଲକ୍ଷ ଟଙ୍କାର ବଜେଟ

ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର କ୍ରୀଡ଼ା ପରିଷଦର ବାର୍ଷିକ ସାଧାରଣ ପରିଷଦ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ କୁଳପତି ପ୍ରଫେସର ଗୀତାଞ୍ଜଳି ଦାଶ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିବା ବେଳେ ସମ୍ମାନନୀୟ ଅତିଥି ଭାବେ କୁଳସଚିବ ସଚ୍ଚିତାନନ୍ଦ ନାୟକ, ପିଜି କାଉନସିଲ ଅଧ୍ୟକ୍ଷ ପ୍ରଫେସର ସୁଶାନ୍ତ କୁମାର ବରାଳ ଯୋଗ ଦେଇଥିଲେ। କ୍ରୀଡା ପରିଷଦର ସମ୍ପାଦକ ପ୍ରଫେସର ଗଣେଶ ସଭା ପରିଚାଳନା କରିଥିଲେ। କ୍ରୀଡ଼ା ସମ୍ପାଦକ ପ୍ରଫେସର ସେଠୀ ବାର୍ଷିକ ଆୟବ୍ୟୟ ପାଠ କରିଥିଲେ। ରି ଆସନ୍ତା ଶିକ୍ଷା ବର୍ଷ ନିମନ୍ତେ ବିଶ୍ୱବିଦ୍ୟାଳୟ ପକ୍ଷରୁ କ୍ରୀଡ଼ା କ୍ଷେତ୍ରରେ ନିଆଯାଇଥିବା ବିଭିନ୍ନ ପଦକ୍ଷେପ ସମ୍ପର୍କରେ ବିବରଣୀ ପ୍ରଦାନ କରାଯାଇଥିଲା। ୨୦୨୨-୨୩ ବର୍ଷ ପାଇଁ କ୍ରୀଡ଼ା ପରିଷଦର ବଜେଟ୍ ୪୯ ଲକ୍ଷ ୮୫ ହଜାର ଟଙ୍କା ରହିଥିବା ବେଳେ ୫୧ଲକ୍ଷ ୪୧ହଜାର ୬୮୮ ଟଙ୍କା ଖର୍ଚ୍ଚ ହୋଇଥିଲା। ଚଳିତବର୍ଷ ବଜେଟ ଆକାରକୁ ବୃଦ୍ଧି କରାଯାଇ ୫୧ ଲକ୍ଷ ଟଙ୍କା ରଖାଯାଇଛି। ଚଳିତ ବର୍ଷ ୨୯ ଅନ୍ତଃ ମହାବିଦ୍ୟାଳୟ ଓ ଇଣ୍ଟର ୟୁନିଭରସିଟି ଏବଂ ଓଡ଼ିଶା ଇଣ୍ଟର ୟୁନିଭରସିଟି ଇଭେଣ୍ଟ ପାଇଁ ୧୮ ଟି ଇଭେଣ୍ଟ ପାଇଁ ୪୪ ଲକ୍ଷ ୨୦ ହଜାର ବଜେଟ ରହିଛି। ମ୍ୟାନେଜର ଓ କୋଚଙ୍କ ଟିଏ, ଡ଼ିଏ ବାବଦକୁ ୧ ଲକ୍ଷ ୮୦ ହଜାର, ବାର୍ଷିକ ବୈଠକ ପାଇଁ ୬୦ ହଜାର ଟଙ୍କା, କୋଚ ଏବଂ କର୍ମଚାରୀଙ୍କ ପାଇଁ ୩ ଲକ୍ଷ ଟଙ୍କା, ଅନ୍ୟାନ୍ୟ ଖର୍ଚ୍ଚ ପାଇଁ ୧ ଲକ୍ଷ ୪୦ ହାଜର ଟଙ୍କା ମୋଟ ୫୧ ଲକ୍ଷ ଟଙ୍କାର ବଜେଟ୍ ପ୍ରସ୍ତୁତି ହୋଇଛି। ଏହି ଅବସରରେ କାର୍ଯ୍ୟନିର୍ବାହୀ କମିଟିର ନୂତନ ସଦସ୍ୟ ଚୟନ କରାଯାଇଥିଲା। ଏଥିରେ କୁଳପତିଙ୍କ ପ୍ରତିନିଧି ଭାବେ ଡ. ସତ୍ୟବ୍ରତ ପାତ୍ର, ପୂର୍ବତନ ସାଧାରଣ ସମ୍ପାଦକ ତଥା ଜିଲା ଆଥେଲେଟିକ୍ ଆସୋସିଏଶନର ଜେ.କମେଶ୍ୱର ରାଓ, ଆସିକା ନିରଞ୍ଜନ ସରକାରୀ ମହିଳା ମହାବିଦ୍ୟାଳୟର ଡ଼. ସୁପ୍ରିୟା ଦାଶ, ସାମନ୍ତୀୟାପଲ୍ଲୀ ଏସ ବି ପି ମହାବିଦ୍ୟାଳୟର ପିଇଟି ସୁଧାକର ବିଷୋୟୀ, ବାଲିପଦର ଆଞ୍ଚଳିକ ମହାବିଦ୍ୟାଳୟର ପିଇଟି ଭଞ୍ଜ କିଶୋର ଗୌଡ଼ଙ୍କୁ ସର୍ବସମ୍ମତି କ୍ରମେ ଚୟନ କରାଯାଇଥିଲା । ବୈଠକରେ କ୍ରୀଡ଼ା ପରିଷଦ ପକ୍ଷରୁ ୪୦୦ମିଟର ସିନ୍ଥେଟିକ୍ ଟ୍ରାକ, ଅଣ୍ଡରଗ୍ରାଉଣ୍ଡ ଡ୍ରେନ୍, ୨ୟ ବସ୍କେଟ୍ ବଲ୍ କୋର୍ଟ ମରାମତି, କ୍ରୀଡାବିତ୍ଙ୍କ ପାଇଁ ହଷ୍ଟେଲ, କ୍ରୀଡା ପରିଷଦର ଅତିରିକ୍ତ ଉପର କୋଠା ନିର୍ମାଣ ଆଦି ପ୍ରସ୍ତାବକୁ ଦୃଷ୍ଟି ଆକର୍ଷଣ କରାଯାଇଥିଲା। ଏ ନେଇ ଉଚ୍ଚ ଶିକ୍ଷା ବିଭାଗକୁ ଚିଠି ହୋଇଥିବା କୁଳସଚିବେ ସଚ୍ଚିତାନନ୍ଦ ନାୟକ କହିଛନ୍ତି। ମହେଶ ରଞ୍ଜନ ମିଶ୍ର, ମନୋଜ କୁମାର ତ୍ରିପାଠୀ, କ୍ରୀଡା ପରିଷଦ ପକ୍ଷରୁ କୋଚ୍ ରାଜେଶ ମହାନ୍ତି, ପିଇଓ ରବି ଚରଣ ମିଶ୍ର, ରବି ବେହେରା ପରିଚାଳନାରେ ସହଯୋଗ କରିଥିଲେ।




ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

bmpselfie@gmail.com

@ ପ୍ରମୋଦ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟ ବିବେଚିତ ଫଟୋ ପ୍ରକାଶ ପାଇବ।

# ଆଖିର ଯତ୍ନ ନିଜେ ନେବା ଉଚିତ



ହସ୍ପିଟାଲ କର୍ମଚାରୀମାନେ ଶୋଭାଯାତ୍ରାରେ ଯାଉଛନ୍ତି।

ବ୍ରହ୍ମପୁର,୧୨।୧୦
(ଅଶୋକ କୁମାର ସାହୁ/ସୁବାସ ଚନ୍ଦ୍ର ପାଢ଼ୀ)

ସ୍ଥାନୀୟ ଇକୋସ ଚକ୍ଷୁ ଚିକିତ୍ସାଳୟ ପକ୍ଷରୁ ଗୁରୁବାର ବିଶ୍ୱ ଦୃଷ୍ଟି ଦିବସ ପାଳିତ ହୋଇଛି। ହସ୍ପିଟାଲର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶିକା ଡା. ଶଶୀପ୍ରଭା ସାହୁଙ୍କ ନେତୃତ୍ୱରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ପ୍ରତିବର୍ଷ ଅକ୍ଟୋବର ଦ୍ୱିତୀୟ ଗୁରୁବାର ଏହି ଦିବସ ପାଳନ ହେଉଛି। 'ଲଭ ୟୋର ଆଇଜ୍ ଆଟ ୱାର୍କ' ଚଳିତବର୍ଷର ବାର୍ତ୍ତା ରହିଛି । ଲୋକେ ବିଭିନ୍ନ କ୍ଷେତ୍ରରେ କାମ କରୁଛନ୍ତି। ବିଭିନ୍ନ କାର୍ଯ୍ୟରେ ଆଖି ଉପରେ ଚାପ ପଡୁଛି। ତେଣୁ ସମସ୍ତେ ନିଜ ଆଖିର ଯତ୍ନ ନିଜେ ନେବା ଉଚିତ। ଏହି ଅବସରରେ ହସପିଟାଲର କର୍ମଚାରୀଙ୍କୁ ନେଇ ଏକ ଶୋଭାଯାତ୍ରା ବାହାରିଥିଲା। ଏହି ଶୋଭାଯାତ୍ରାକୁ ହସପିଟାଲର ପ୍ରଶାସକ ନିରଞ୍ଜନ ସାହୁ ଉଦଘାଟନ କରିଥିଲେ। ୧୯୯୧ରୁ ସ୍ୱର୍ଗତ ମିହିର କୁମାର ବଳଙ୍କ ଦ୍ୱାରା ସ୍ଥାପିତ ଏହି ହସ୍ପିଟାଲ ୩୩ ବର୍ଷ ହେଲା ନିରବଚ୍ଛିନ୍ନ ଭାବେ ଗରିବ ଲୋକଙ୍କ ସେବା କରି ଆସୁଛି। ଆଗାମୀ ଦିନରେ ଏହା ଜାରି ରହିବ ବୋଲି ଶ୍ରୀ ସାହୁ କହିଥିଲେ। ଚକ୍ଷୁ ଡାକ୍ତର ଯଶସ୍ୱିନୀ ନନ୍ଦ ଚକ୍ଷୁରୋଗ ଉପରେ ବର୍ତ୍ତା ଦେଇଥିଲେ। କର୍ମଚାରୀମାନେ ବିଭିନ୍ନ ସ୍ଲୋଗାନ ଦେଇ ବିଜିପୁର, ରେଳୱେ ଷ୍ଟେଶନ, ଗୋଷାଣୀ ନୂଆଗାଁ ଆଦି ବୁଲି ଲୋକଙ୍କୁ ସଚେତନ କରିଥିଲେ। ଶେଷରେ ରୋଗୀଙ୍କ ପାଇଁ ଶୀତତାପ ନିୟନ୍ତ୍ରିତ ଏକ ଭ୍ୟାନ ଉତ୍ସର୍ଗ କରାଯାଇଥିଲା।

# ମାଣ୍ଡିଆ ଚାଷକୁ ଗୁରୁତ୍ୱ ଦେଉଛି ଟିପିଏସ୍ଓଡିଏଲ୍

ବ୍ରହ୍ମପୁର,୧୨।୧୦(ସ୍ମୃତି ରଞ୍ଜନ ମହାଲିକ୍)

ମହିଳା ସଶକ୍ତୀକରଣ ଦିଗରେ ଗୋଷ୍ଠୀ ସହଭାଗିତାକୁ ପ୍ରାଥମିକତା ଦେଇ ଟିପିଏସ୍ଓଡିଏଲ୍ ପକ୍ଷରୁ ଜୀବିକା ପ୍ରୋତ୍ସାହନ କାର୍ଯ୍ୟକ୍ରମମାନ ହାତକୁ ନିଆଯାଇଛି। ମିଶନ ଶକ୍ତି ଓ ଓଡିଶା ଜୀବିକା ମିଶନର ସହଭାଗିତାରେ ଟିପିଏସ୍ଓଡିଏଲ୍ ପକ୍ଷରୁ ଓଡ଼ିଶାର ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ (ଏସ୍ଏଚ୍ଜି) ତଥା ଚାଷୀଙ୍କୁ ତାଲିମ ଦିଆଯାଉଛି। କମ୍ପାନୀ ମାଣ୍ଡିଆ ଚାଷକୁ ପ୍ରାଥମିକତା ଦେଉଛି। ଅନ୍ୟପକ୍ଷରେ ବର୍ତ୍ତମାନ ସୁଦ୍ଧା ଟିପିଏସ୍ଓଡିଏଲ୍ ପକ୍ଷରୁ ପ୍ରାୟ ୫୦୦ ଜଣ ଏସ୍ଏଚ୍ଜି ସଦସ୍ୟା ଓ ଚାଷୀଙ୍କୁ ଉନ୍ନତମାନର ବିହନ ସହ ଅନ୍ୟାନ୍ୟ ଆନୁସଙ୍ଗିକ ସହାୟତା ଯୋଗାଇଛି। ଖରିଫ ଋତୁରେ ଟିପିଏସ୍ଓଡିଏଲ୍ ଦକ୍ଷିଣ ଓଡ଼ିଶାର ୮ଟି ଜିଲାରେ ୫୦୦ ଏକରରୁ ଅଧିକ ଜମିରେ ମାଣ୍ଡିଆ ଚାଷକୁ ସହାୟତା ଯୋଗାଇଛି। ଏଥିସହ ଆନ୍ତର୍ଜାତିକ ମିଲେଟ ବର୍ଷ ୨୦୨୩ ଅବସରରେ ଆସନ୍ତା ରବି ଋତୁରେ ମଧ୍ୟ କମ୍ପାନୀ ପକ୍ଷରୁ ୧୦୦୦ ଏକର ଜମିରେ ଚାଷ ପାଇଁ ସହାୟତା ଦିଆଯିବା ନେଇ ନିଷ୍ପତ୍ତି ନିଆଯାଇଛି।


ମାଣ୍ଡିଆ ଚାଷରେ ନିୟୋଜିତ ସ୍ୱୟଂ ସହାୟିକା ଗୋଷ୍ଠୀ ସଭ୍ୟମାନେ।

ଏହି ଅଭିନବ ପ୍ରୟାସ ମହିଳାଙ୍କୁ ସଶକ୍ତୀକରଣ କରିବା ଉଦ୍ଦେଶ୍ୟରେ କାର୍ଯ୍ୟକ୍ଷମ ହୋଇଥିବା ବେଳେ ମିଲେଟର ଉପାଦେୟତାର ପ୍ରଚାର ପ୍ରସାର ଦିଗରେ ମଧ୍ୟ ଧ୍ୟାନ ଦେଉଛି। ମାଣ୍ଡିଆ ଚାଷ ଅନ୍ୟ ଶସ୍ୟ ତୁଳନାରେ କମ ପରିମାଣର ଜଳ, କୀଟନାଶକ ସାର ଓ ପୋଷକତତ୍ତ୍ୱ ଆବଶ୍ୟକ କରିଥାଏ। ତେଣୁ ମାଣ୍ଡିଆ ଚାଷର ସ୍ୱତନ୍ତ୍ରତା ସମ୍ପର୍କରେ ସଚେତନତା ସୃଷ୍ଟି କରିବା ପାଇଁ ପଞ୍ଚାୟତସ୍ତରରେ ଟିପିଏସ୍ଓଡିଏଲ୍ ପ୍ରଶିକ୍ଷଣ ଶିବିରମାନ ମଧ୍ୟ ଆୟୋଜନ କରୁଛି। ଶିବିରରେ ବିଶେଷଜ୍ଞମାନେ ମିଲେଟର ଉପାଦେୟତା ଓ ଚାଷ ସମ୍ବନ୍ଧୀୟ ବିସ୍ତୃତ ସୂଚନା ଦେଉଛନ୍ତି। ସ୍ଥାନୀୟ ଭାଷାରେ କମ୍ପାନୀ ଲୋକଙ୍କ ନିକଟରେ ଏସବୁ ସୂଚନା ପହଞ୍ଚାଉଛି। ମାଣ୍ଡିଆ ଚାଷର ପ୍ରସାର କରିବା ନିମନ୍ତେ କମ୍ପାନୀ ଚାଷୀ ଓ ମହିଳାଙ୍କ ସାଥିରେ ରହିଛି ବୋଲି ଟିପିଏସଓଡ଼ିଏଲ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଅମିତ ଗର୍ଗ କହିଛନ୍ତି ।

## ସିଟି ମହାବିଦ୍ୟାଳୟ ପକ୍ଷରୁ ନିଯୁକ୍ତି ପରାମର୍ଶ କର୍ମଶାଳା

### ଅଗ୍ନିବୀର ମନୋନୀତ ୧୦ କ୍ୟାଡେଟଙ୍କୁ ସମ୍ବର୍ଦ୍ଧନା

ବ୍ରହ୍ମପୁର,୧୨।୧୦(ତନୁଶ୍ରୀ ନାହାକ)

ଆମ୍ବପୁଆ ସିଟି ମହାବିଦ୍ୟାଳୟଠାରେ ଜୀବିକା ପରାମର୍ଶ ଓ କର୍ମ ନିୟୋଜନ ଶାଖା ଆନୁକୂଲ୍ୟରେ ବୁଧବାର ନିଯୁକ୍ତି ପରାମର୍ଶ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ ମହାବିଦ୍ୟାଳୟ ଅଧ୍ୟକ୍ଷା ଡ଼.ଅନିତା ପଣ୍ଡା ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥି ଭାବେ ବିଶାଖାପାଟଣା ଗୀତମ ବିଶ୍ୱବିଦ୍ୟାଳୟର ମ୍ୟାନେଜମେଣ୍ଟ ପ୍ରଫେସର ଡ଼.ରାଜେଶ୍ୱରୀ ପାଣିଗ୍ରାହୀ ଉପସ୍ଥିତ ରହି ଛାତ୍ରୀଛାତ୍ରଙ୍କୁ ବିଭିନ୍ନ କ୍ଷେତ୍ରରେ ନିଯୁକ୍ତି ସମ୍ପର୍କରେ ପରାମର୍ଶ ଦେଇଥିଲେ। ସମ୍ମାନନୀୟ ଅତିଥି ଭାବେ ସ୍ଥାନୀୟ କେନ୍ଦ୍ରୀୟ ବିଦ୍ୟାଳୟର ଶିକ୍ଷକ ଦିଲୀପ କୁମାର ସବୁଦ୍ଧି ଉପସ୍ଥିତି ରହି ଦକ୍ଷତା ବିକାଶ ଉପରେ ଗୁରୁତ୍ୱାରୋପ କରିଥିଲେ। ଏହି ଅବସରରେ ନିକଟରେ ମହାବିଦ୍ୟାଳୟ ଏନସିସି କ୍ୟାଡେଟଙ୍କ ମଧ୍ୟରୁ ଅଗ୍ନିବୀରରେ ନିଯୁକ୍ତି ପାଇଥିବା ୧୦ ଛାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏଥିରେ ୩ ଓଡ଼ିଶା ମେଡ଼ିକାଲ ଏନସିସିର ସୁବେଦାର ପ୍ରେମ କୁମାର ଓ ସୁବୋର ସୁବାସ ଚନ୍ଦ୍ର ଉପସ୍ଥିତ ରହି କ୍ୟାଡ଼େଟମାନଙ୍କୁ ଉତ୍ସାହିତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଆଇକ୍ୟୁଏସି କୋ-ଅର୍ଡିନେଟର ଅଜୟ କୁମାର ପାଢୋଇ, ଏନଏସଏସ କାର୍ଯ୍ୟକ୍ରମ ଅଧିକାରୀ ବି.ମୁରଲୀଧର ଓ ଅନ୍ୟ ଅଧ୍ୟାପିକା ଅଧ୍ୟାପକମାନେ ଉପସ୍ଥିତ ରହିଥିଲେ। କାର୍ଯ୍ୟକ୍ରମକୁ ଏନସିସି ଅଧିକାରୀ ଲେଫ୍ଟନାଣ୍ଟ ମେଘନାଦ ପ୍ରଧାନ ପରିଚାଳନା କରିଥିଲେ।

# ଆଇଟିଆଇର ୨ ଛାତ୍ରୀଛାତ୍ରଙ୍କୁ ସମ୍ମାନିତ କଲେ କେନ୍ଦ୍ରମନ୍ତ୍ରୀ


କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଛାତ୍ରୀ ପି. କୁମାରୀଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି।

ବ୍ରହ୍ମପୁର,୧୨।୧୦(ସ୍ମୃତି ରଞ୍ଜନ ମହାଲିକ)

ବ୍ରହ୍ମପୁର ଶିଳ୍ପ ତାଲିମ ବୈଷୟିକ ଅନୁଷ୍ଠାନ (ଆଇଟିଆଇ)ର ଦୁଇ ଛାତ୍ରୀଛାତ୍ର କେନ୍ଦ୍ର ସରକାରଙ୍କ ଦ୍ୱାରା ସମ୍ମାନିତ ହୋଇଛନ୍ତି। ସର୍ବଭାରତୀୟ ଟ୍ରେଡ ପରୀକ୍ଷାରେ ଅନୁଷ୍ଠାନର ୩-ଡି ପ୍ରିଣ୍ଟିଂ ବିଭାଗର ଅନୁରାଗ ମାଇକେଲ ଓ ଇଲେକଟ୍ରୋନିକ୍ସ ବିଭାଗର ପି. କୁମାରୀ ଟପ୍ପର ହୋଇଥିଲେ। ଦିଲ୍ଲୀଠାରେ ବୁଧବାର ଅନୁଷ୍ଠିତ କୌଶଳ ଦିକ୍ଷାନ୍ତ କାର୍ଯ୍ୟକ୍ରମରେ ଉଭୟଙ୍କୁ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ସମ୍ମାନିତ କରିଥିଲେ। ଏହା ବ୍ରହ୍ମପୁର ଆଇଟିଆଇ ପାଇଁ ଗର୍ବ ଓ ଗୌରବର ବିଷୟ ବୋଲି ଆଇଟିଆଇ ଅଧ୍ୟକ୍ଷ ଡ. ରଜତ କୁମାର ପାଣିଗ୍ରାହୀ କହିଛନ୍ତି। ଆଗାମୀ ଦିନରେ ସର୍ବଭାରତୀୟ ସ୍ତରରେ ଅନୁଷ୍ଠାନର ଯେଭଳି ୧୦ ଜଣ ଛାତ୍ରୀଛାତ୍ର ଟପ୍ପର ହେବେ ସେ ନେଇ ଲକ୍ଷ୍ୟ ରଖାଯାଇଥିବା ଅଧ୍ୟକ୍ଷ କହିଛନ୍ତି।

# ବସ୍ ବିକିବା ବାହାନାରେ ୧୬ ଲକ୍ଷ ଠକେଇ ଅଭିଯୋଗ

ବ୍ରହ୍ମପୁର,୧୨।୧୦(ସୁବାସ ଚନ୍ଦ୍ର ପାଢ଼ୀ)

ଜଣେ ବ୍ୟକ୍ତି ତାଙ୍କର ଏକ ବସ୍ ବିକିବା ବାହାନାରେ ୧୯ଲକ୍ଷ ଟଙ୍କା ଠକି ନେଇ ବସ୍ଟିକୁ ଅନ୍ୟ କାହାକୁ ବିକ୍ରି କରି ଦେଇଥିବା ବୈଦ୍ୟନାଥପୁର ଥାନାରେ ଅଭିଯୋଗ ହୋଇଛି। କୋଦଳା ଥାନା ଅଞ୍ଚଳର ପ୍ରମୋଦ କୁମାର ବିଷୋୟୀଙ୍କ ଏହି ଅଭିଯୋଗକ୍ରମେ ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ପ୍ରମୋଦ ଅଭିଯୋଗ କରିଛନ୍ତି ଯେ, ସେ ସନ୍ତୋଷ ପତି ନାମକ ଜଣେ ବ୍ୟକ୍ତିଙ୍କ ବସ୍ (ଓଡି ୦୭ଏଚ୍ ୩୦୯୯)କୁ କିଣିବା ପାଇଁ ତାଙ୍କ ସହ କଥା ହୋଇଥିଲେ। ଏଥିପାଇଁ ପ୍ରମୋଦ ପ୍ରଥମେ ନଗଦ ୭ଲକ୍ଷ ୪୦ହଜାର ଟଙ୍କା ଏବଂ ବ୍ୟାଙ୍କ ଆକାଉଣ୍ଟ ଜରିଆରେ ୨ଲକ୍ଷ ୨୦ହଜାର ଟଙ୍କା ଟ୍ରାନ୍ସଫର୍ କରି ମୋଟ ୯ଲକ୍ଷ ୬୦ହଜାର ଟଙ୍କା ଦେଇଥିଲେ। ପୁଣି ଉକ୍ତ ବସ୍‌ର ବକେୟା ଥିବା ଫାଇନାନ୍ସ କିସ୍ତି ବାବଦ ୬ଲକ୍ଷ ୭୦ହଜାର ଟଙ୍କା ବ୍ୟାଙ୍କରେ ପୈଠ କରିଥିଲେ। ବ୍ୟାଙ୍କ ଏନ୍ଓସି ମିଳିଯାଇଥିଲା। ଏହାପରେ ପ୍ରମୋଦଙ୍କୁ ସନ୍ତୋଷ ଛତ୍ରପୁର ଆରଟିଓ କାର୍ଯ୍ୟାଳୟ ଡକାଇ କିଛି କାଗଜପତ୍ରରେ ଦସ୍ତଖତ କରାଇ ନେଇ ବସର ପରମିଟକୁ ଅନ୍ୟଜଣଙ୍କୁ ବିକ୍ରି କରି ଦେବା ସହ କିଛିଦିନ ଭିତରେ ଗାଡ଼ିର ମାଲିକାନା ତାଙ୍କ ନାମକୁ ଟ୍ରାନ୍ସଫର ହୋଇଯିବ ବୋଲି କହିଥିଲେ। ୨୦୨୦ ଫେବ୍ରୁୟାରୀରେ ଗାଡ଼ିଟି ଖରାପ ହେବାରୁ ମରାମତି ପାଇଁ ପ୍ରମୋଦ ଏକ ଗ୍ୟାରେଜରେ ଦେଇଥିଲେ। କରୋନା ମହାମାରୀ ପାଇଁ ତାହା ମରାମତି ହୋଇନପାରି ସେହି ଗ୍ୟାରେଜରେ ପଡ଼ି ରହିଥିଲା। ସେହିବର୍ଷ ସେପ୍ଟେମ୍ବରରେ ପ୍ରମୋଦ ଉକ୍ତ ଗ୍ୟାରେଜକୁ ଯାଇ ଗାଡ଼ି ସମ୍ପର୍କରେ ପଚାରିବାରୁ ସନ୍ତୋଷ ତାହାକୁ ନେଇଯାଇଥିବା ଗ୍ୟାରେଜ୍ ମାଲିକ କହିଥିଲେ। ସନ୍ତୋଷଙ୍କୁ ଏ ସମ୍ପର୍କରେ ପଚାରିବାରୁ ସେ ଗାଳିଗୁଲଜ କରିବା ସହ ଗାଡ଼ି ଆଉ କାହାକୁ ବିକ୍ରି କରିଦେଇଥିବା କହିଥିଲେ। ନ୍ୟାୟ ପାଇଁ ପ୍ରମୋଦ ଥାନାର ଦ୍ୱାରସ୍ଥ ହୋଇଛନ୍ତି।

## ଯୁବକଙ୍କ ଆତ୍ମହତ୍ୟା

ବ୍ରହ୍ମପୁର,୧୨।୧୦(ସୁବାସ ଚନ୍ଦ୍ର ପାଢ଼ୀ)

ଟାଉନ ଥାନା ଭାପୁର ବଜାର ଗଳିରେ ଜଣେ ଯୁବକ ବେକରେ ଗାମୁଛା ବାନ୍ଧି ଆତ୍ମହତ୍ୟା କରିଛନ୍ତି। ମୃତକଙ୍କ ପରିଚୟ ମିଳି ନ ଥିବା ବେଳେ ତାଙ୍କ ବୟସ ଆନୁମାନିକ ୨୩ ବର୍ଷ ହେବ ବୋଲି ପୋଲିସ କହିଛି। ମୃତଦେହ ଜବତ କରି ୨୮/୨୩ ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ବ୍ୟବଚ୍ଛେଦ ପରେ ପରିଚୟ ସ୍ପଷ୍ଟ ପାଇଁ ମୃତଦେହକୁ ୭୨ଘଣ୍ଟା ପାଇଁ ସଂରକ୍ଷିତ ରଖାଯାଇଛି।

# ନୀଳକଣ୍ଠନଗର ଡିଗ୍ରୀ ବିଦ୍ୟାମନ୍ଦିରରେ ବିଜ୍ଞାନ ପଟଚିତ୍ର ପ୍ରଦର୍ଶନୀ


ପ୍ରଦର୍ଶନୀରେ ଉପସ୍ଥିତ ଅତିଥି ବୃନ୍ଦ ଓ ଅନ୍ୟମାନେ।

ବ୍ରହ୍ମପୁର,୧୨।୧୦(ସ୍ମୃତି ରଞ୍ଜନ ମହାଲିକ)

ବନ୍ୟପ୍ରାଣୀ ସଂରକ୍ଷଣ ସପ୍ତାହ ଉପଲକ୍ଷେ ଜୈବ ବିବିଧତା ଏବଂ ଆର୍ଦ୍ରଭୂମି ସମ୍ପର୍କିତ ଏକ କର୍ମଶାଳା ଛତ୍ରପୁର ତାମ୍ପରାଠାରେ ଅନୁଷ୍ଠିତ ହୋଇଥିଲା। ପରବର୍ତ୍ତୀ ପର୍ଯ୍ୟାୟରେ ନୀଳକଣ୍ଠନଗର ଡିଗ୍ରୀ ବିଦ୍ୟାମନ୍ଦିରଠାରେ ବିଜ୍ଞାନ ପଟଚିତ୍ର ପ୍ରଦର୍ଶନୀ ଅନୁଷ୍ଠିତ ହୋଇଛି। ଏହି କର୍ମଶାଳାରେ ବହୁ ବିଦ୍ୟାଳୟ ଓ ମହାବିଦ୍ୟାଳୟର ଛାତ୍ରୀଛାତ୍ରମାନେ ଅଂଶଗ୍ରହଣ କରି ପରିବେଶର ସୁରକ୍ଷା, ପରିବେଶର ସଂରକ୍ଷଣ ସମ୍ପର୍କିତ ଆଲୋଚନା ଚକ୍ରରେ ଭାଗ ନେଇଥିଲେ। ଭାରତ ସରକାରଙ୍କର ପରିବେଶ ମନ୍ତ୍ରଣାଳୟ ଓ ଗଣପତି ସାବତ ଫାଉଣ୍ଡେସନର ମିଳିତ ଆନୁକୂଲ୍ୟରେ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଗଣପତି ସାବତ ଫାଉଣ୍ଡସନର ସଭାପତି ଡ ବିନୋଦ ଚନ୍ଦ୍ର ସାବତ, ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ପରିବେଶ ବିଭାଗର ପ୍ରାଧ୍ୟାପକ ଡ. ଅଞ୍ଜନ କୁମାର ପୃଷ୍ଟି, ଖଲ୍ଲିକୋଟ ସ୍ୱୟଂଶାସିତ ମହାବିଦ୍ୟାଳୟର ପ୍ରାକ୍ତନ ଉଦ୍ଭିଦ ବିଜ୍ଞାନ ପ୍ରାଧ୍ୟାପକ ଡ. ବିଜୟ କୁମାର ମହାନ୍ତି, ସରସ୍ୱତୀ ଡିଗ୍ରୀ ବିଦ୍ୟାମନ୍ଦିର ନୀଳକଣ୍ଠନଗର ଉଦ୍ଭିଦ ବିଜ୍ଞାନର ବିଭାଗୀୟ ମୁଖ୍ୟ ଡ ଉମେଶ ସାହୁ, ମହାନ ସଂଘ ସଭାପତି ସୁଶାନ୍ତ କୁମାର ସାବତ, ଖଣ୍ଡଦେଉଳୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପ୍ରଧାନଶିକ୍ଷକ ଡ. ଶଙ୍କର ନାରାୟଣ ବେଜ, ସାବୁଲିଆ ଉଚ୍ଚମାଧ୍ୟମିକ ବିଦ୍ୟାଳୟର ପ୍ରାକ୍ତନ ପ୍ରଧାନ ଶିକ୍ଷକ ବିଜୟ କୁମାର ବିଶ୍ୱାଳ ମଞ୍ଚାସୀନ ରହି ପରିବେଶ ସମ୍ପର୍କିତ ଏବଂ ଅନୁସନ୍ଧାନମୂଳକ ତଥ୍ୟ ଉପସ୍ଥାପନ କରିଥିଲେ। ନୀଳକଣ୍ଠନଗର ସରସ୍ୱତୀ ଡିଗ୍ରୀ ମହାବିଦ୍ୟାଳୟ ଅଧ୍ୟକ୍ଷ ଡ. ସୁବ୍ରତ କୁମାର ପାଣିଗ୍ରାହୀ କାର୍ଯ୍ୟକ୍ରମକୁ ସଂଯୋଜନା କରିବା ସହ ଆଲୋଚନା ଚକ୍ରର ପୃଷ୍ଠଭୂମି ସମ୍ପର୍କରେ ବିବରଣୀ ପାଠ କରିଥିଲେ। ପଟ୍ଟଚିତ୍ର ପ୍ରସ୍ତୁତିରେ ଭାଗ ନେଇଥିବା ଉଷା କିରଣ ପଟ୍ଟନାୟକ ପ୍ରଥମ, ନିହାରିକା ବେହେରା ଦ୍ୱିତୀୟ, ସ୍ୱାତି ରାଣୀ ସାହୁ ତୃତୀୟ, ରୁଦ୍ରମାଧବ ପାତ୍ର ଚତୁର୍ଥ, ବର୍ଷାରାଣୀ ପଲାଇ ପଞ୍ଚମ ହୋଇଥିବାରୁ ସେମାନଙ୍କୁ ମାନପତ୍ର ସହ ପୁରସ୍କୃତ କରାଯାଇଥିଲା। ସେହିପରି ଅମ୍ପିତ ଚମ୍ପାତି, ସ୍ୱରୂପା ମିଶ୍ର, ସୌମ୍ୟାନିତା ପଣ୍ଡା, ସ୍ମିତାରାଣି ଗୌଡ଼, ଶତାବ୍ଦୀ ମିଶ୍ରଙ୍କୁ ସାନ୍ତ୍ୱନା ମୂଳକ ପୁରସ୍କାର ପ୍ରଦାନ କରାଯାଇଛି।

# ଜୟପ୍ରକାଶ ନାରାୟଣଙ୍କ ଜୟନ୍ତୀ ପାଳିତ



ଉପସ୍ଥିତ ସଂଘର ସଦସ୍ୟମାନେ।

ବ୍ରହ୍ମପୁର,୧୨।୧୦(ସ୍ମୃତି ରଞ୍ଜନ ମହାଲିକ)

ହିନ୍ଦ ମଜଦୁର ସଭା ଗଞ୍ଜାମ ଜିଲା କମିଟି ପକ୍ଷରୁ ଆସିକା ରୋଡ ତାଲୁକାଠାରେ ସ୍ୱାଧୀନତା ସଂଗ୍ରାମୀ, ରାଜନୀତିଜ୍ଞ, ସମାଜବାଦୀ ତଥା ଶ୍ରମିକ ନେତା ଲୋକନାୟକ ଜୟପ୍ରକାଶ ନାରାୟଣଙ୍କ ୧୨୨ତମ ଜନ୍ମ ଜୟନ୍ତୀ ପାଳିତ ହୋଇଯାଇଛି। ସଂଘ ଉପସଭାପତି ନରସିଂହ ସାହୁଙ୍କ ଆବାହକତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସଂଘର ଜିଲା ସଂଯୋଜକ ସତ୍ୟନାରାୟଣ ତ୍ରିପାଠୀ ଲୋକନାୟକଙ୍କ ଜୀବନୀ ସମ୍ପର୍କରେ କହିଥିଲେ। ସେ ସମୟରେ ଭାରତରେ ସୃଷ୍ଟି ହୋଇଥିବା ନାରା ଗାନ୍ଧୀ ଲୋହିୟା ଜୟପ୍ରକାଶ ନୂଆ ଯୁଗର କର ତଲାସ ଚହଳ ପକାଇଥିଲା ବୋଲି ସେ କହିଥିଲେ। ସମାଜବାଦରେ ବିଶ୍ୱାସ କରୁଥିବାରୁ ସୋସିଆଲିଷ୍ଟ ପାର୍ଟି ନାମରେ ରାଜନୈତିକ ଦଳ ପ୍ରତିଷ୍ଠା କରିବା ସହ ଶ୍ରମିକ ସଙ୍ଗଠନ ହିନ୍ଦ ମଜଦୁର ସଭା ଗଠନ କରି ସମସ୍ତ ଶ୍ରମିକ ଶ୍ରେଣୀର ହିତପାଇଁ ଜୟପ୍ରକାଶ କାର୍ଯ୍ୟ କରୁଥିଲେ ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସଂଘର ପୂର୍ବତନ ଉପାଧ୍ୟକ୍ଷ ନିରଞ୍ଜନ ଜେନା, ଶ୍ରମିକ ନେତା ରାଜେନ୍ଦ୍ର ଦାସ, କୋମଳ ପାତ୍ର, ଏମ୍ କସିନାଥ, ସୁଶାନ୍ତ କର ଓ ଶଙ୍କର ଗୌଡଙ୍କ ସମେତ ସଂଘର ବହୁ ସଦସ୍ୟ ଉପସ୍ଥିତ ଥିଲେ।

## ନାବାଳିକା ଅପହରଣ ମାମଲାରେ ୪ ଗିରଫ

ଗୋଛାପଡା,(ରୋହିତ କହଁର): ଜଣେ ନାବାଳିକାଙ୍କୁ ଅପହରଣ କରିବା ଅଭିଯୋଗରେ ଗୋଛାପଡା ପୋଲିସ ଗୁରୁବାର ୪ ଜଣଙ୍କୁ କୋର୍ଟ ଚାଲାଣ କରିଛି। ସେମାନେ ହେଲେ ବାଲିଗୁଡା ଥାନା ସିକେଲ ଗ୍ରାମର ଦାମ ମଲିକ, ପ୍ରଫୁଲ୍ଲ ମଲିକ, ରବି ମଲିକ ଓ ସହଦେବ ମଲିକ । ଗୋଛାପଡା ଥାନା ଅଞ୍ଚଳର ନାବାଳିକା ଜଣକ ବୁଧବାର ନିଜ ମା'ଙ୍କ ସହିତ ଯାଉଥିବା ବେଳେ ପାହିରାଜୁ ଛକ ନିକଟରେ ୪ ଜଣ ଯୁବକ ତାଙ୍କୁ ଜୋର ଜବରଦସ୍ତ ବାଇକ୍‌ରେ ନେଇଯାଇଥିଲେ। ନାବାଳିକାଙ୍କ ପାଟି ଶୁଣି ଗାଁଲୋକେ ତାଙ୍କୁ ଗୋଡାଇ ଧରିଥିଲେ। ପରିବାର ଲୋକଙ୍କ ଅଭିଯୋଗ କ୍ରମେ ପୋଲିସ ଅଭିଯୁକ୍ତମାନଙ୍କୁ ଗିରଫ କରିଥିବା ଥାନା ଅଧିକାରୀ ପ୍ରଭାତ କୁମାର ବେହେରା କହିଛନ୍ତି।

## ସଂକ୍ଷେପରେ

### ଲକ୍ଷ୍ମୀ ଯୋଜନା ପାଇଁ ପାରଳାରେ ପହଞ୍ଚିଲା ୩୬ ବସ

ପାରଳାଖେମୁଣ୍ଡି,୧୨।୧୦(ଗିରିଧାରୀ ପରିଛା):
ଗଜପତି ଜିଲ୍ଲା ପାରଳାଖେମୁଣ୍ଡିରେ ଲକ୍ଷ୍ମୀ ଯୋଜନା ପାଇଁ ଆସି ପହଞ୍ଚିଲା ୩୬ଟି ବସ୍ । ସେଥିମଧ୍ୟରୁ ୪ଟି ଏସି ହୋଇଥିବା ବେଳେ ଅନ୍ୟ ୩୨ଟି ବିନା ଏସି। ଗଜପତି ଜିଲାର ପ୍ରତି ଗାଁରୁ ଜିଲା ମୁଖ୍ୟାଳୟ ସହିତ ରାଜଧାନୀ ଭୁବନେଶ୍ୱରକୁ ଯୋଡ଼ିହେବ ଏହି ବସ। ୪ଟି ଏସି ବସ ପାରଳାଖେମୁଣ୍ଡିରୁ ବାହାରି ଭୁବନେଶ୍ୱର ଓ କଟକରେ ପହଞ୍ଚିବ। ଅନ୍ୟ ୩୨ଟି ଗଜପତି ଜିଲାର ବିଭିନ୍ନ ଅଞ୍ଚଳରୁ ବାହାରି ଜିଲା ମୁଖ୍ୟାଳୟରେ ପହଞ୍ଚିବ ବୋଲି ଜଣାପଡ଼ିଛି।

### ବନ ବିଭାଗ ଦ୍ୱାରା ଗାଡ଼ି ଓ କାଠ ଜବତ

ଧରାକୋଟ,୧୨।୧୦(ବିଷ୍ଣୁ କେଶରୀ ଆଚାର୍ଯ୍ୟ)
ମାଫିଆମାନଙ୍କ ଦ୍ୱାରା ଚୋରାରେ ଚାଲାଣ ହେଉଥିବା ବେଳେ ଗୁରୁବାର ବନବିଭାଗ ଦ୍ୱାରା ଚଢ଼ାଉ କରାଯାଇ ୫୦ ଘନ ଫୁଟ କାଠ ଜବତ କରାଯାଇଛି। ଭଞ୍ଜନଗର ଡିଏଫ୍‌ଓ ବିନୋଦ କୁମାର ଆଚାର୍ଯ୍ୟଙ୍କ ନିର୍ଦ୍ଦେଶ କ୍ରମେ ଆସିକା ରେଞ୍ଜର ପ୍ରମୋଦ କୁମାର ପଣ୍ଡା ଓ ଧରାକୋଟ ବନପାଳ ଅକ୍ଷୟ କୁମାର ତ୍ରିପାଠୀଙ୍କ ମିଳିତ ଉଦ୍ୟମ କ୍ରମେ ବଡଗଡ ନିକଟସ୍ଥ ଗାଙ୍ଗପୁରଠାରୁ ଆସିକା ଆଡ଼କୁ ଏକ କାଠବୋଝେଇ ପିକ୍‌ଅପ୍ ଗାଡ଼ି (ନଂ ଓଆର ୦୭ ଜେଡ୍ ୪୩୪୬)କୁ ତାଳପାଟଣା ନିକଟସ୍ଥ ଋଷିକୁଲ୍ୟା ବ୍ରିଜ୍ ଉପରେ ଜବତ କରାଯାଇଥିଲା । ଘଟଣାସ୍ଥଳରୁ ଡ୍ରାଇଭର ଓ ଅନ୍ୟମାନେ ଚମ୍ପଟ ମାରିଛନ୍ତି । ଏହି ଚଢାଉରେ ଆସିକା ରେଞ୍ଜ କର୍ମଚାରୀଙ୍କ ସହିତ ଧରାକୋଟ କାର୍ଯ୍ୟାଳୟର ପ୍ରଦୀପ ପରିଚ୍ଛା ଓ ଅନ୍ୟମାନେ ସହଯୋଗ କରିଥିଲେ।

### ସାମ୍ପ୍ରଦାୟିକ ସଦଭାବନା ସମ୍ପର୍କରେ ଆଲୋଚନାଚକ୍ର

ଜି.ଉଦୟଗିରି,୧୨।୧୦(ଶିଶିର ପଟ୍ଟନାୟକ)
ସ୍ଥାନୀୟ କଳିଙ୍ଗ ମହାବିଦ୍ୟାଳୟଠାରେ ସାମ୍ପ୍ରଦାୟିକ ସଦଭାବନା ସମ୍ପର୍କରେ ଏକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷ ସୁଧାଂଶୁ ଶେଖର ମେହେରଙ୍କ ସଭାପତିତ୍ୱରେ ଯୁକ୍ତ ଦୁଇ ଶ୍ରେଣୀର ଛାତ୍ରୀଛାତ୍ରଙ୍କ ନିମନ୍ତେ ଉଦ୍ଦିଷ୍ଟ 'ସାଂପ୍ରଦାୟିକ ସଦଭାବନା' ସମ୍ପର୍କରେ ଆୟୋଜିତ ଆଲୋଚନା ଚକ୍ରରେ ଆଲୋଚକ ଭାବେ ଅର୍ଥନୀତି ବିଭାଗ ମୁଖ୍ୟ ଅଧ୍ୟାପକ ବିନାୟକ ବିଶ୍ୱାଳ ଏବଂ ଓଡ଼ିଆ ବିଭାଗ ମୁଖ୍ୟା ଅଧ୍ୟାପିକା ସୁପ୍ରିୟା ମହାନ୍ତି ଯୋଗଦେଇଥିଲେ। ଅଧ୍ୟାପକ ଡଃ ନଳିନୀ କୁମାର ପାଣିଗ୍ରାହୀ କାର୍ଯ୍ୟକ୍ରମର ସଂଯୋଜନା କରିଥିବା ବେଳେ ଅଧ୍ୟାପିକା ଝୁନୁମା ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

### ଦୁର୍ଘଟଣାରେ ମୋପେଡ ଚାଳକ ମୃତ

ହିଞ୍ଜିଳିକାଟୁ, ୧୨।୧୦(ଦ୍ୱିତୀକୃଷ୍ଣ ପଣ୍ଡା):
ହିଞ୍ଜିଳି ଥାନା ଶିକିରି – ଗିରିଆ ଗ୍ରାମ ରାସ୍ତାରେ ଦୁର୍ଘଟଣା ଘଟି ଜଣେ ମୋପେଡ ଚାଳକଙ୍କ ମୃତ୍ୟୁ ଘଟିଥିବା ବେଳେ ଆରୋହୀ ଗୁରୁତର ଆହତ ହୋଇଛନ୍ତି। ମୃତକ ଜଣଙ୍କ ହେଲେ ହିଞ୍ଜିଳି ଥାନା ଶିକିରି ଗ୍ରାମର କାମି ନାହାକ (୬୦) ଓ ଗୁରୁତର ଜଣଙ୍କ ସେହି ଗ୍ରାମର କାଶିନାଥ ବେହେରା (୫୮)। ଉଭୟେ ମୋପେଡ଼ରେ ଶିକିରିରୁ ଗିରିଆ ଯାଉଥିବା ବେଳେ ଭାରସାମ୍ୟ ହରାଇ ରାସ୍ତା କଡ଼ରେ ଥିବା ଏକ ବିଦ୍ୟୁତ ଖୁଣ୍ଟକୁ ପିଟି ହୋଇଯାଇଥିଲେ। ହିଞ୍ଜିଳି ପୋଲିସ ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ବ୍ରହ୍ମପୁର ବଡ ମେଡିକାଲ ପଠାଇଥିଲେ।

### କେନ୍ଦ୍ରୀୟ ରେଞ୍ଜରୁ ୨ ଶିକାରୀ ଗିରଫ

ଭଞ୍ଜନଗର,୧୨।୧୦(ବାବୁଲା ପ୍ରଧାନ):
ଭଞ୍ଜନଗର ଉତ୍ତର ଘୁମୁସର ବନଖଣ୍ଡ କେନ୍ଦ୍ରୀୟ ରେଞ୍ଜରୁ ୨ ଜଣ ଶିକାରୀଙ୍କୁ ବନ ବିଭାଗ କର୍ମଚାରୀ ବୁଧବାର ରାତିରେ ଗିରଫ କରିଛି। ଗିରଫ ଦୁଇଜଣ ହେଲେ କାର୍ତ୍ତିକ ନାୟକ ଓ ଗୌଡ ମଲ୍ଲିକ। ଏହାପରେ ସେମାନଙ୍କୁ ଗୁରୁବାର ସୋରଡ଼ା କୋର୍ଟକୁ ଚାଲାଣ କରାଯାଇଛି। ସେମାନଙ୍କଠାରୁ ଶିକାର ପାଇଁ ବ୍ୟବହୃତ ୩ କେଜି ଜିଆଇ ତାର, ହେଡ୍‌ଲାଇଟ, କାଚ ବୋତଲ ପ୍ରମୁଖ ଜବତ କରାଯାଇଛି। ଅଭିଯୁକ୍ତଦ୍ୱୟ ବୁଧବାର ବିଳମ୍ବିତ ରାତିରେ ଲାଠିପଡା ସେକ୍ସନ ବିଞ୍ଜିଗିରି ସେକ୍ସନରେ ଶିକାର ପାଇଁ ଜଙ୍ଗଲ ରାସ୍ତା ଦେଇ ଯାଇଥିବା ୧୧ କେଭି ଲାଇନରୁ ହୁକ କରି ଜିଆଇ ତାର ବିଛାଇଥିଲେ। ରେଞ୍ଜର କୁମର ବେହେରା ଜାଣିବା ପରେ ଅଭିଯୁକ୍ତ ଦ୍ୱୟଙ୍କୁ ଗିରଫ କରିବା ପାଇଁ ବିଭାଗୀୟ କର୍ମଚାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ବନପାଳ ଅମ୍ରିତା ଜେନା ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି ଅଭିଯୁକ୍ତଦ୍ୱୟଙ୍କୁ ଗିରଫ କରିଥିଲେ।

# ଗର୍ଭବତୀଙ୍କ ଅଲଟ୍ରାସାଉଣ୍ଡ ପରୀକ୍ଷା ଶତ ପ୍ରତିଶତ କର

## ବିଇଓ, ସ୍ୱାସ୍ଥ୍ୟ ଅଧିକାରୀ, ସିଡିପିଓ ସମ୍ମାନିତ

ଛତ୍ରପୁର,୧୨।୧୦
(ସନ୍ତୋଷ ପାଢ଼ୀ/ଦିଲୀପ ସାମଲ):

ଗଞ୍ଜାମ ଜିଲାର ଲୋକଙ୍କ ସ୍ୱାସ୍ଥ୍ୟାବସ୍ଥାର ସୁଧାର ସକାଶେ ସରକାରଙ୍କ ଦ୍ୱାରା ଗ୍ରହଣ କରାଯାଉଥିବା ବିଭିନ୍ନ କାର୍ଯ୍ୟକ୍ରମ ଜିଲ୍ଲାରେ ସଫଳତା ହାସଲ କରିଛି । ଏଣୁ ସ୍ୱାସ୍ଥ୍ୟ ବିଭାଗ ଏବଂ ସମ୍ପୃକ୍ତ ଅଧିକାରୀମାନଙ୍କୁ ଜିଲାପାଳ ଦିବ୍ୟଜ୍ୟୋତି ପରିଡା ପ୍ରଶଂସା କରିଥିଲେ। ତତସହିତ କାର୍ଯ୍ୟକ୍ରମର ସଫଳ ରୂପାୟନ ଦିଗରେ ସମସ୍ତଙ୍କର ପ୍ରଚେଷ୍ଟା ଜାରି ରଖିବାକୁ ହେବ ଏବଂ ଶତପ୍ରତିଶତ ଲକ୍ଷ ଧାର୍ଯ୍ୟ ଯେପରି ପୂରଣ ହେବ ସେହି ଦିଗରେ ଯତ୍ନବାନ ହେବାକୁ କହିଥିଲେ। ଜିଲାପରିଷଦ ଋଷିକୁଲ୍ୟା ସମ୍ମିଳନୀ କକ୍ଷରେ ଗୁରୁବାର ଜିଲାପାଳଙ୍କ ଅଧ୍ୟକ୍ଷତାରେ ଆୟୁଷ୍ମାନ ଭାରତ ଅନ୍ତର୍ଗତ ରାଷ୍ଟ୍ରୀୟ ବାଳସ୍ୱାସ୍ଥ୍ୟ କଲ୍ୟାଣ କାର୍ଯ୍ୟକ୍ରମ ଏବଂ ରାଷ୍ଟ୍ରୀୟ କିଶୋର ସ୍ୱାସ୍ଥ୍ୟ କଲ୍ୟାଣ କାର୍ଯ୍ୟକ୍ରମର ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ପଞ୍ଜୀକୃତ ଗର୍ଭବତୀ ମହିଳାମାନଙ୍କର ଅଲଟ୍ରାସାଉଣ୍ଡ ପରୀକ୍ଷା କରାଯାଇ ସେମାନଙ୍କର ସ୍ୱାସ୍ଥବସ୍ଥା ଯେମିତି ଠିକ ରହିବ ସେଥି ସକାଶେ ଗ୍ରହଣ


ଜିଲାପାଳ ସମ୍ମାନିତ କରୁଛନ୍ତି।

କରାଯାଇଥିବା କାର୍ଯ୍ୟକ୍ରମ ଶତକଡା ଶତପ୍ରତିଶତ ଧାର୍ଯ୍ୟ ଲକ୍ଷ୍ୟ ଯେମିତି ପୂରଣ ହେବ ସେ ନେଇ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। ଅକ୍ଟୋବର ୨୦୨୧ରୁ ସେପ୍ଟେମ୍ବର ୨୦୨୨ ମଧ୍ୟରେ ୫୬୦୦୯ ମହିଳା ପଞ୍ଜୀକରଣ କରାଇଥିଲେ। ତନ୍ମଧ୍ୟରୁ ପ୍ରଧାନ ମନ୍ତ୍ରୀ ସୁରକ୍ଷିତ ମାତୃ ଅଭିଯାନରେ ୧୧୧୯୮ ମହିଳା ଅନ୍ତର୍ଭୁକ୍ତ, ଯାହାକି ପଞ୍ଜିକରଣର ଶତକଡା ୨୦ ପ୍ରତିଶତ। ୫୩୩୬ ମହିଳାଙ୍କ ଅଲଟ୍ରାସାଉଣ୍ଡ ପରୀକ୍ଷା ହୋଇଥିଲା ଏବଂ ୫୩୬ ଜଣ ହାଇରିସ୍କରେ ରହିଥିଲେ । ସମସ୍ତଙ୍କୁ ଉତ୍ତମ ଚିକିତ୍ସା କରଯାଇଥିଲା। ସେହିଭଳି ୨୦୨୨ ଅକ୍ଟୋବରରୁ ସେପ୍ଟେମ୍ବର ୨୦୨୩ ସୁଦ୍ଧା ୫୩୯୧୦ଜଣ ଗର୍ଭବତୀ ପଞ୍ଜୀକରଣ କରିଥିଲେ। ତନ୍ମଧ୍ୟରୁ ୨୬୫୮୬ ଜଣ ପ୍ରଧାନମନ୍ତ୍ରୀ ସୁରକ୍ଷିତ ମାତୃ ଅଭିଯାନରେ ଅନ୍ତର୍ଭୁକ୍ତ ଥିଲେ, ଯାହା ଶତକଡା ୪୯.୩ ପ୍ରତିଶତ। ପଞ୍ଜିକରଣର ୨୦୦୨୪ ଜଣ ମହିଳାଙ୍କ ଅଲଟ୍ରାସାଉଣ୍ଡ ପରୀକ୍ଷା ହୋଇଥିଲା, ଯାହାକି ଶତକଡା ୭୫.୩ ପ୍ରତିଶତ। ତନ୍ମଧ୍ୟରୁ ୩୧୦୬ ଗର୍ଭବତୀ ମହିଳା ହାଇରିସ୍କରେ ଥିଲେ। ସମସ୍ତ ହାଇରିସ୍କ ମହିଳାଙ୍କୁ ଉତ୍ତମ ଚିକିତ୍ସା ପ୍ରଦାନ କରାଯାଇଥିବା ସମୀକ୍ଷାରୁ ଜଣାପଡିଥିଲା । ନିରୀକ୍ଷଣ ଯୋଜନାରେ ପ୍ରଦାନ କରାଯାଇଥିବା ଲକ୍ଷ୍ୟଧାର୍ଯ୍ୟ ଚଳିତ ମାସ ଶେଷ ସୁଦ୍ଧା ଶତପ୍ରତିଶତ କରିବାକୁ ଜିଲାପାଳ ନିର୍ଦ୍ଦେଶ ପ୍ରଦାନ କରିଛନ୍ତି।
ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଦ୍ୱାରା ପ୍ରଦତ୍ତ ସାପ୍ତାହିକ ଲୌହସାର ବଟିକା ସେବନ କାର୍ଯ୍ୟକ୍ରମରେ ବୁଗୁଡା ବ୍ଲକ ଶତପ୍ରତିଶତ, ଶେରଗଡ ବ୍ଲକ ୯୮ପ୍ରତିଶତ ଏବଂ ଖାଲିକୋଟ ବ୍ଲକ ୯୪ ପ୍ରତିଶତ ଲକ୍ଷ୍ୟଧାର୍ଯ୍ୟ ପୂରଣ କରିଥିବା ଯୋଗୁଁ ସମ୍ପୃକ୍ତ ବ୍ଲକ ଶିକ୍ଷା ଅଧିକାରୀମାନଙ୍କୁ ପୁରସ୍କାର ପ୍ରଦାନ କରଯାଇଥିଲା। ଗ୍ରାମ କଲ୍ୟାଣ ସମିତିର ସ୍ୱାସ୍ଥ୍ୟ ଯୋଜନା ପ୍ରଣୟନ ଦିଗରେ ବେଲଗୁଣ୍ଠା ଶିଶୁ ବିକାଶ ଯୋଜନା ଅଧିକାରୀଙ୍କୁ ପ୍ରଥମ, ଜଗନ୍ନାଥପ୍ରସାଦ ଶିଶୁ ବିକାଶ ଯୋଜନା ଅଧିକାରୀଙ୍କୁ ଦ୍ୱିତୀୟ ଏବଂ ହିଞ୍ଜିଳୀକାଟୁ ଶିଶୁବିକାଶ ଯୋଜନା ଅଧିକାରୀଙ୍କୁ ତୃତୀୟ ପୁରସ୍କାର ପ୍ରଦାନ କରାଯାଇଥିଲା। ରାଷ୍ଟ୍ରୀୟ ବାଳବିକାଶ ଯୋଜନାରେ ସ୍ୱାସ୍ଥ୍ୟ ପରିଚାଳନା ଦଳ(ଏମଏଚଟି)ଙ୍କୁ କାର୍ଯ୍ୟରେ ଉତ୍ତମ ପ୍ରଦର୍ଶନ ଯୋଗୁଁ କୁକୁଡାଖଣ୍ଡି, ପୋଲସରା, ବୋମୋକେଇ ବ୍ଲକକୁ ପୁରସ୍କାର ପ୍ରଦାନ କରାଯାଇଅଛି। ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଭାଟକୁମରଡା, ଆଡପଡା ଓ ବେଲଗୁଣ୍ଠାଙ୍କୁ ପୁରସ୍କୃତ କରାଯାଇଥିଲା। ବୈଠକରେ ଜାତୀୟ ସ୍ୱାସ୍ଥ୍ୟ ମିଶନ ଜିଲା ଯୋଜନା ପରିଚାଳକ ଶ୍ୟାମସୁନ୍ଦର ତ୍ରିପାଠୀ, ଜିଲା ଯୋଜନା ଆରସିଏଚ୍ ଶକ୍ତି କୁମାର ଦିଗାଲ ସମସ୍ତ ବିଷୟ ଉପସ୍ଥାପନ କରି ସମୀକ୍ଷା କରିଥିବା ବେଳେ ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡ. ଆର.ଜଗଦୀଶ ପଟ୍ଟନାୟକ, ଜିଲା ଶିକ୍ଷା ଅଧିକାରୀ ଅମିତ ପଟ୍ଟନାୟକ, ଜିଲା ଶିଶୁ ଓ ମହିଳା ବିକାଶ ଯୋଜନା ଅଧିକାରୀ ଅବିଦା ପରବିନ ପ୍ରମୁଖ ମଞ୍ଚାସୀନ ଥିଲେ।

## ଅପହରଣ, ହତ୍ୟା ମାମଲା: ଆଉ ଜଣେ ଗିରଫ

କୋଦଳା,୧୨।୧୦
(ଅମିତ କୁମାର ପଟ୍ଟନାୟକ)

ଗତ ୬ତାରିଖରେ କୋଦଳା କୋର୍ଟରୁ ଫେରୁଥିବା ବେଳେ କବିସୂର୍ଯ୍ୟନଗର ଥାନା ଅନ୍ତର୍ଗତ କେ ଖରିଡ଼ା ଗ୍ରାମର ଦିପୁ ପାତ୍ରଙ୍କୁ ହତ୍ୟା ମାମଲାରେ ପୋଲିସ ଆଉ ଜଣକୁ କୋର୍ଟ ଚାଲାଣ କରିଛି। ସେ ହେଲେ କୋଦଳା ଥାନା ଅନ୍ତର୍ଗତ ଜେ ଛଟିନା ଗ୍ରାମର ସନ୍ୟାସୀ ସେଠି। ସନ୍ୟାସୀଙ୍କୁ ପୋଲିସ ମାଲକାନଗିରିରୁ ଗିରଫ କରିଛି। ଘଟଣା ଘଟାଇ ସନ୍ୟାସୀ ମାଲକାନଗିରି ଚାଲିଯାଇଥିଲା ଏବଂ ସେଠିକାର ପୋଲିସ ସହାୟତାରେ ଗିରଫ ହୋଇଛନ୍ତି। କୋଦଳା ଥାନା ନଂ. ୪୮୨/୨୩ରେ କୋର୍ଟ ଚାଲାଣ ହୋଇଛି। ଏହି ଅପହରଣ ଏବଂ ହତ୍ୟା ମାମଲାରେ ପୋଲିସ ପୂର୍ବରୁ ୪ଜଣଙ୍କୁ ଗିରଫ କରିଥିବା ବେଳେ ଜଣେ ନାବାଳକଙ୍କୁ ସୁଧାର ଗୃହକୁ ପଠାଇଥିଲା। ସୂଚନା ଯୁବକ ଦିପୁ ପାତ୍ରଙ୍କୁ କୋଦଳା ଥାନା ବେରୁଆଁବାଡି –ସାତନଳ ରାସ୍ତାରେ ଏକ ବୁଦା ମୂଳରେ ଅପହରଣ ପରେ ହତ୍ୟା କରାଯାଇଥିଲା।

## ବିଜେଡି ସକ୍ରିୟ ସଦସ୍ୟଙ୍କ ପ୍ରଶିକ୍ଷଣ ଶିବିର

ଛତ୍ରପୁର,୧୨।୧୦ (ଦିଲୀପ ସାମଲ):

ସ୍ଥାନୀୟ ଶିବକୁମାର ପଟ୍ଟନାୟକ ରିଡିଙ୍ଗ ରୁମ ପରିସରରେ ଛତ୍ରପୁର ନିର୍ବାଚନ ମଣ୍ଡଳୀରେ ବିଜେଡି ସକ୍ରିୟ ସଦସ୍ୟମାନଙ୍କ ପ୍ରଶିକ୍ଷଣ ଶିବିର ବିଧାୟକ ସୁବାଷ ଚନ୍ଦ୍ର ବେହେରାଙ୍କ ନେତୃତ୍ୱରେ ଶୁଭାରମ୍ଭ ହୋଇଛି। ମୁଖ୍ୟଅତିଥି ଭାବେ ବ୍ରହ୍ମପୁର ସଂସଦୀୟ କ୍ଷେତ୍ରର ପର୍ଯ୍ୟବେକ୍ଷକ ତଥା ରାଜ୍ୟସଭା ସଦସ୍ୟ ମାନସ ମଙ୍ଗରାଜ ଯୋଗଦେଇ ରାଜ୍ୟ ସରକାରଙ୍କ ବିକାଶମୂଳକ କାର୍ଯ୍ୟ ଓ ଜନ୍ମଠାରୁ ମୃତ୍ୟୁ ପର୍ଯ୍ୟନ୍ତ ବିଭିନ୍ନ ଯୋଜନାଗୁଡିକୁ କିପରି ଘରେ ଘରେ ପହଞ୍ଚାଯିବ ସେ ସମ୍ପର୍କରେ ଅବଗତ କରାଇଥିଲେ। ଶିବିରରେ ରାଜ୍ୟ ବିଜେଡି ମୁଖପାତ୍ର ଅମିତ ମଲ୍ଲିକ ଓ ଡ଼ଃ ହରିଶ ଚୌଧୁରୀ ପ୍ରଶିକ୍ଷକ ଭାବେ ଯୋଗଦେଇ ଉପସ୍ଥିତ ୧୯


ଶିବିରରେ ରାଜ୍ୟସଭା ସଦସ୍ୟ ମାନସ ମଙ୍ଗରାଜଙ୍କ ସହ ଅନ୍ୟମାନେ।

ଓ ୨୦ନଂ ଜିଲାପରିଷଦ ଜୋନର ଆଗଧାଡ଼ିର ନେତୃମଣ୍ଡଳୀ ଏବଂ ସକ୍ରିୟ ସଦସ୍ୟସଦସ୍ୟାମାନଙ୍କୁ ବିଭିନ୍ନ ବିଷୟରେ ଆଲୋକପାତ କରିଥିଲେ। ବ୍ରହ୍ମପୁର ବିଧାୟକ ବିକ୍ରମ କୁମାର ପଣ୍ଡା, ଜିଲାପରିଷଦ ସଭ୍ୟା ରଶ୍ମିତା ନାହାକ, ଏମ. ଧନଞ୍ଜୟ ରେଡ୍ଡୀ, ବିଜୁ ଛାତ୍ର ଜନତା ଦଳର ଜିଲା ସଭାପତି ପ୍ରଶାନ୍ତ କୁମାର ପଣ୍ଡା, ଛତ୍ରପୁର ବିଜେଡି ବ୍ଲକ ସଭାପତି ପ୍ରବାସୀ ପ୍ରଧାନ, ଯୁବ ବିଜେଡି ଛତ୍ରପୁର ନିର୍ବାଚନ ମଣ୍ଡଳୀର ସଭାପତି ସନମୁଖ ପଟ୍ଟନାୟକ, ଯୁବ ବିଜେଡି ଛତ୍ରପୁର ବ୍ଲକ ସଭାପତି କାଳିଆ ନାହାକ, ଉପସଭାପତି କାହ୍ନୁଚରଣ ବେହେରା, ଛତ୍ରପୁର ନଗର ବିଜେଡି ସଭାପତି ବି. ରାଜୁବାବୁ ଉପସ୍ଥିତ ଥିଲେ।

## କଳିଙ୍ଗା ଘାଟିରେ ଟ୍ରକ ଦୁର୍ଘଟଣା, ଡ୍ରାଇଭର ଗୁରୁତର

ଜି.ଉଦୟଗିରି,୧୨।୧୦(ଶିଶିର ପଟ୍ଟନାୟକ)

ଗୁରୁବାର ଏକ ଥଣ୍ଡା ପାନୀୟ ବୋଝେଇ ଟ୍ରକଟି କଳିଙ୍ଗା ଘାଟିରେ ବ୍ରେକ ଫେଲ ହୋଇ ଦୁର୍ଘଟଣାଗ୍ରସ୍ତ ହୋଇଛି। ଏଥିରେ ଡ୍ରାଇଭର ସୋନୁ ବିଶ୍ୱକର୍ମା (୨୮) ଟ୍ରକରେ ଚାପି ହୋଇ ରହିଯାଇଥିଲେ। ପୋଲିସ ଓ ଦମକଳ ବାହିନୀ ଏବଂ କଳିଙ୍ଗା ଓ ଟିକାବାଲିର ସ୍ୱେଚ୍ଛାସେବୀ ସାହାଯ୍ୟକାରି ଦଳ ପହଞ୍ଚି ଟ୍ରକ୍‌କୁ କାଟି ସୋନୁଙ୍କୁ ଉଦ୍ଧାର କରିଥିଲେ। ତାଙ୍କ ଅବସ୍ଥା ଗୁରୁତର ଥିବାରୁ ଭଞ୍ଜନଗର ହସ୍ପିଟାଲ ପଠାଯାଇଛି। ଟ୍ରକର ହେଲପର ତଥା ଡ୍ରାଇଭରଙ୍କ ଭାଇ ଦୀପକ ବିଶ୍ୱକର୍ମା (୨୪) ସାମାନ୍ୟ ଆହତ ହୋଇଛନ୍ତି।

## ନିରାମୟ ଉପଦେଷ୍ଟାଙ୍କ ଜିଲା ମୁଖ୍ୟ ଚିକିତ୍ସାଳୟ ପରିଦର୍ଶନ

ଫୁଲବାଣୀ,୧୨।୧୦(ରାକେଶ କୁମାର ରାଉତ)
ରାଜ୍ୟ ସରକାରଙ୍କ ନିରାମୟ ଉପଦେଷ୍ଟା ରଞ୍ଜନ ବିଶ୍ୱାଳ ଗୁରୁବାର ଜିଲା ମୁଖ୍ୟ ଚିକିତ୍ସାଳୟ ପରିଦର୍ଶନ କରିଛନ୍ତି। ସେ ରୋଗୀ ଓ ସମ୍ପର୍କୀୟଠାରୁ ନିରାମୟ କେନ୍ଦ୍ର ସୁବିଧା ଓ ଅସୁବିଧା ସଂକ୍ରାନ୍ତରେ ପଚାରି ବୁଝିଛନ୍ତି। ଚିକିତ୍ସିତ ହେଉଥିବା ରୋଗୀଙ୍କ ନିକଟକୁ ଯାଇ ମାଗଣାରେ ଔଷଧ ମିଳୁଛି କି ନାହିଁ ପଚାରି ବୁଝିଥିଲେ। ଏହା ପରେ ମେଡିକାଲ ଅଧିକାରୀଙ୍କୁ ସାକ୍ଷାତ କରି ଆଲୋଚନା କରିଥିଲେ। ନିରାମୟ କେନ୍ଦ୍ରକୁ ପ୍ରତିଦିନ ଆସୁଥିବା ରୋଗୀଙ୍କୁ କିପରି ଅଧିକ ସହଜ ଏବଂ ସୁବିଧା ଯୋଗାଇ ଦିଆଯିବ, ଏହି ବିଷୟରେ ବରିଷ୍ଠ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ। ଏହି ପରିଦର୍ଶନରେ ସ୍ଥାନୀୟ ଜନପ୍ରତିନିଧି ରାଜେନ୍ଦ୍ର ପାଢ଼ୀ, ଟୁକୁନା ନାୟକ, ଦେବେନ୍ଦ୍ର ନାୟକ, ବିଶ୍ୱ ରଞ୍ଜନ ପଟ୍ଟନାୟକ, ଏନ. ଶ୍ରୀନିବାସ ଡୋରା ପ୍ରମୁଖ ସାମିଲ ଥିଲେ।

## ରମ୍ଭା ସରକାରୀ ଉଚ୍ଚ ବିଦ୍ୟାଳୟରେ ସୁରଭି


କୃତୀ ପ୍ରତିଯୋଗୀଙ୍କୁ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଉଛି ।

ରମ୍ଭା,୧୨।୧୦(ବନବାସୀ ସେଠୀ):

ସ୍ଥାନୀୟ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ବିଦ୍ୟାଳୟସ୍ତରୀୟ ସୁରଭି ଓ ମିଲେଟ ପ୍ରତିଯୋଗିତା ପ୍ରଧାନ ଶିକ୍ଷକ ଗୋପୀନାଥ ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଆୟୋଜିତ କାର୍ଯ୍ୟକ୍ରମରେ ଜିଲା ସୂଚନା ଲୋକସମ୍ପର୍କ ଅଧିକାରୀ ରବି ନାରାୟଣ ବେହେରା, ଏବିଇଓ ବିଜୟ ଚନ୍ଦ୍ର ବେହେରା, ମୁଖ୍ୟ ଅତିଥି ସୁବାଷ ଚନ୍ଦ୍ର ପଣ୍ଡା, ପରିଚାଳନା କମିଟି ସଭାପତି ସୁବାଷ ଚନ୍ଦ୍ର ପତି, ସିଆରସିସି ରବୀନ୍ଦ୍ର କୁମାର ପଣ୍ଡା, ଇଂରାଜୀ ଅଧ୍ୟାପକ ଅମ୍ବିକା ସାମନ୍ତରାୟ, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ବିଜୟ କୁମାର ବିଶ୍ୱାଳ, ପୂର୍ବତନ ପ୍ରଧାନ ଶିକ୍ଷକ ବାଳକୃଷ୍ଣ ମହାରଣା ପ୍ରମୁଖ ମଞ୍ଚାସିନ ଥିଲେ। କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ଏନସିସି ଶିକ୍ଷକ ଅଜିତ କୁମାର ବେହେରା, ରୋଜାଲିନ ମହାପାତ୍ର। ଅତିଥି ପରିଚୟ ଶ୍ରୀୟା ଦେବୀ ସ୍ୱାଇଁ ଏବଂ ଧନ୍ୟବାଦ ଦେଇଥିଲେ ଶୁଭଶ୍ରୀ ସାରଳା ପରିଡା। ଅନ୍ୟମାନଙ୍କ ମଧ୍ୟରେ ରଜତ କୁମାର ପାଢ଼ୀ, ଜଗବନ୍ଧୁ ପ୍ରଧାନ, ମଧୁସୂଦନ ସାହୁ, କୃଷ୍ଣ ଚନ୍ଦ୍ର ବାଡତ୍ୟା, ରମେଶ ଚନ୍ଦ୍ର ନାୟକ, ଗୁଣମଣି ବେହେରା ସହଯୋଗ କରିଥିଲେ। ରବୀନ୍ଦ୍ର କୁମାର ପଣ୍ଡା ଶିଶୁ ମହୋତ୍ସବ ଓ ମିଲେଟ କାର୍ଯ୍ୟକ୍ରମ ସମ୍ପର୍କିତ ଉପରେ ସମ୍ପୂର୍ଣ୍ଣ ବିବରଣୀ ପ୍ରଦାନ କରିଥିଲେ।

## ଖବରଦାତାଙ୍କୁ ଦୁର୍ବ୍ୟବହାର ନେଇ ଅଭିଯୋଗ

ଗଞ୍ଜାମ,୧୨।୧୦(ବିଦ୍ୟାଧର ସାହୁ):

ଖବର ପାଇଁ ତଥ୍ୟ ସଂଗ୍ରହ କରିବାକୁ ଯାଇଥିବା ଜଣେ ବୈଦ୍ୟୁତିକ ଗଣମାଧ୍ୟମ ପ୍ରତିନିଧିଙ୍କୁ ଜେଆରଜିପୁର ସ୍କୁଲ ପ୍ରଧାନଶିକ୍ଷକ ତଥା ହୁମା କ୍ଲଷ୍ଟର ସିଆରସିସି ଜୟାନନ୍ଦ ବେହେରା ଦୁର୍ବ୍ୟବହାର କରିଥିବା ଅଭିଯୋଗ ହୋଇଛି। ପ୍ରଧାନଶିକ୍ଷକ ମୋବାଇଲରେ ଗଣମାଧ୍ୟମ ପ୍ରତିନିଧିଙ୍କ ଭିଡିଓ ଉତ୍ତୋଳନ କରୁଥିଲା ବେଳେ ପଚାରିବାରୁ ସେ ଉତକ୍ଷିପ୍ତ ହୋଇ ଅଶାଳୀନ ବ୍ୟବହାର କରିବା ସହ ବିଭିନ୍ନ ଧମକ ଚମକ ଦେଇଥିଲେ। ଏନେଇ ଗଣମାଧ୍ୟମ ପ୍ରତିନିଧିମାନେ ଗଞ୍ଜାମ ବ୍ଲକ ଏବିଇଓ ବିଜୟ କୁମାର ବେହେରାଙ୍କୁ ଲିଖିତ ଅଭିଯୋଗ କରିଥିଲେ। ପରେ ଜିଲାପାଳ ଓ ଜିଲା ଶିକ୍ଷାଧିକାରୀଙ୍କୁ ଭେଟି ଲିଖିତ ଅଭିଯୋଗ କରିଥିବା ଜଣାପଡିଛି।

## ମହାବିଦ୍ୟାଳୟରେ ଯୁବ ସଂସ୍କାର କାର୍ଯ୍ୟକ୍ରମ

ମୋହନା,୧୨।୧୦(ମନ୍ମଥ ମିଶ୍ର)

ମୋହନା ସ୍ଥାନୀୟ ହିଲ୍‌ଟପ ମହାବିଦ୍ୟାଳୟରେ ଯୁବ ସଂସ୍କାର କାର୍ଯ୍ୟକ୍ରମ ପାଳିତ ହୋଇଯାଇଛି। ମଣିଷ ଜୀବନରେ ଦୁଇଟି ମୂଲ୍ୟବାନ ସମ୍ପଦ ଚରିତ୍ର ଓ ସ୍ୱାସ୍ଥ୍ୟ। ମୁଖ୍ୟଅତିଥି ରୂପେ ପାଟପୁର ବିଶ୍ୱେସରାୟା ବିଜ୍ଞାନ ମହାବିଦ୍ୟାଳୟର ବରିଷ୍ଠ ଅଧ୍ୟାପକ ଡ. କୈଳାସ ଚନ୍ଦ୍ର ସ୍ୱାଇଁ ଯୋଗ ଦେଇଥିଲେ। ମହାବିଦ୍ୟାଳୟର ଅଧ୍ୟକ୍ଷ ଶୁଭ୍ରାକାନ୍ତ ମହାନ୍ତିଙ୍କ ସଭାପତିତ୍ୱରେ ସମ୍ମାନିତ ଅତିଥି ଭାବରେ ମହାବିଦ୍ୟାଳୟର ବରିଷ୍ଠ ଅଧ୍ୟାପକ ଡ. ମନୋରଞ୍ଜନ ପାଣିଗ୍ରାହୀ, ଅଧ୍ୟାପକ ଶିବଶଙ୍କର ଶୁକବିନ୍ଦର ସିଂ ଉପସ୍ଥିତ ଥିଲେ।


କାର୍ଯ୍ୟକ୍ରମରେ ଉପସ୍ଥିତ ଛାତ୍ରୀଛାତ୍ର ।

ପ୍ରାରମ୍ଭରେ ବରିଷ୍ଠ ଅଧ୍ୟାପକ ଡ. ପ୍ରଣାବାନନ୍ଦ ପାଙ୍ଗୁଶୀ ସ୍ୱାଗତ ଭାଷଣ ଦେଇଥିବା ବେଳେ କାର୍ଯ୍ୟକ୍ରମ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମକୁ ବରିଷ୍ଠ ଅଧ୍ୟାପକ ଜଗନ୍ନାଥ ପଣ୍ଡା, ଅଧ୍ୟାପିକା ସ୍ୱୟଂପ୍ରଭା ସାହୁ, ଗ୍ରନ୍ଥାଗାରିକ ବସନ୍ତ କୁମାର ବେହେରାଙ୍କ ସମେତ ମହାବିଦ୍ୟାଳୟର ସମସ୍ତ କର୍ମଚାରୀ ସହଯୋଗ କରିଥିଲେ।

## ଖାଦ୍ୟ ସାମଗ୍ରୀର ଗୁଣବତ୍ତା ଅନୁଧ୍ୟାନ କଲେ ୪ଜଣିଆ ଟିମ୍

ଛତ୍ରପୁର,୧୨।୧୦,(ଦିଲୀପ ସାମଲ):

ବିଶ୍ୱ ଖାଦ୍ୟ କାର୍ଯ୍ୟକ୍ରମର ୪ ଜଣିଆ ପ୍ରତିନିଧି ଦଳ ଦୁଇଦିନିଆ ଗଞ୍ଜାମ ଗସ୍ତ କରି ଜିଲାର ହିତାଧିକାରୀଙ୍କୁ ପ୍ରଦାନ କରାଯାଉଥିବା ବିଭିନ୍ନ ଖାଦ୍ୟ ସାମଗ୍ରୀର ଗୁଣବତ୍ତାକୁ ଅନୁଧ୍ୟାନ କରିଛନ୍ତି । ବିଶେଷ କରି ଅଙ୍ଗନବାଡି କେନ୍ଦ୍ର, ବିଦ୍ୟାଳୟ ଏବଂ ହିତାଧିକାରୀଙ୍କୁ ପ୍ରଦାନ କରାଯାଉଥିବା ପିଡିଏସ ଖାଦ୍ୟ ସାମଗ୍ରୀର ଗୁଣବତ୍ତାକୁ ଏହି ପ୍ରତିନିଧି ଦଳ ଯାଞ୍ଚ କରିଛନ୍ତି। ବିଶ୍ୱ ଖାଦ୍ୟ କାର୍ଯ୍ୟକ୍ରମର ଡେପୁଟି କଣ୍ଟ୍ରି ଡାଇରେକ୍ଟର ଇଣ୍ଡିଆର ନୋଜୋମି ହାସିମୋଟୋଙ୍କ ନେତୃତ୍ୱରେ ୪ ଜଣିଆ ପ୍ରତିନିଧି ଦଳ ବୁଧବାର ରଙ୍ଗେଇଲୁଣ୍ଡା ବ୍ଲକ କନିଷିଠାରେ ଛତୁଆ ଉତ୍ପାଦକ ୟୁନିଟ ପରିଦର୍ଶନ କରି ସେଠାରେ ପ୍ରସ୍ତୁତ ହେଉଥିବା ଛତୁଆର ମାନ ନିରୁପଣ କରିଥିଲେ। ସେହିପରି କନିଷି ସେକ୍ଟରର ପଦ୍ମପୁର–୧ ଅଙ୍ଗନବାଡି କେନ୍ଦ୍ର, ରଙ୍ଗେଇଲୁଣ୍ଡା ବ୍ଲକ ବାଲାଜୀ ବିଦ୍ୟାପୀଠ ସ୍କୁଲ ପରିଦର୍ଶନ କରି ଶିକ୍ଷକ ଏବଂ ଛାତ୍ରୀଛାତ୍ରଙ୍କୁ କିପରି ରନ୍ଧା ଖାଦ୍ୟ ପ୍ରଦାନ କରାଯାଉଛି ତାହାକୁ ଅନୁଧ୍ୟାନ କରିଥିଲେ। ଏହାସହିତ ରଙ୍ଗେଇଲୁଣ୍ଡା ବ୍ଲକର ସିଦ୍ଧଭୈରବୀ ରାଇସ ମିଲ୍ ପ୍ରତିନିଧି ଦଳ ପରିଦର୍ଶନ କରିଥିଲେ। ସେହିପରି ଗୁରୁବାର ହିଞ୍ଜିଳିକାଟୁ ବ୍ଲକ ଗସ୍ତ କରି ଜଳବାୟୁ ପରିବର୍ତ୍ତନ ନେଇ ଚାଷୀମାନେ ବିଭିନ୍ନ ପ୍ରକାର ଫସଲ ଚାଷ କରି କିଭଳି ଉପକୃତ ହୋଇପାରୁଛନ୍ତି ତାହାକୁ ନେଇ ଚାଷୀଙ୍କ ସହ ଆଲୋଚନା କରିଥିଲେ। ଶେଷରେ ଗଞ୍ଜାମ ଜିଲାପାଳ ଦିବ୍ୟଜ୍ୟୋତି ପରିଡାଙ୍କ ସହିତ ଏହି ପ୍ରତିନିଧି ଦଳ ଆଲୋଚନା କରିଥିଲେ। ଜିଲାପାଳଙ୍କ ସହ ଆଲୋଚନା ବେଳେ ବିଶ୍ୱ ଖାଦ୍ୟ କାର୍ଯ୍ୟକ୍ରମର ପ୍ରତିନିଧିଙ୍କ ସମେତ ମୁଖ୍ୟ ଜିଲା ଯୋଗାଣ ଅଧିକାରୀ ପୁଷ୍ପା ମୁଣ୍ଡା ଓ ଜିଲା ଶିକ୍ଷାଧିକାରୀ ଅମିତା ପଟ୍ଟନାୟକ ଉପସ୍ଥିତ ଥିଲେ।

## ସଙ୍ଗୀତ, ନୃତ୍ୟ ମାଧ୍ୟମରେ ସାଇବର ସୁରକ୍ଷା ଅଭିଯାନ

ଦାରିଙ୍ଗବାଡି, ୧୨।୧୦ (ଅରୁଣ ସାହୁ)

ସାଇବର ଠକେଇରୁ କିଭଳି ସୁରକ୍ଷା ଦିଆଯିବ ସେନେଇ ଜିଲା ପୋଲିସ ପକ୍ଷରୁ ଜନ ସଚେତନ କାର୍ଯ୍ୟକ୍ରମ ଗୁରୁବାର ଦାରିଙ୍ଗବାଡି ଥାନା ଅଞ୍ଚଳରେ ଅନୁଷ୍ଠିତ ହୋଇଯାଇଛି। ଆଇଆଇସି ଆନନ୍ଦ ଚନ୍ଦ୍ର ପାତ୍ରଙ୍କ ତତ୍ତ୍ୱାବଧାନରେ ଜିଲା ମୁଖ୍ୟାଳୟରୁ ଆସିଥିବା ସାଇବର ସୁରକ୍ଷା ରଥକୁ ଚାରି ଛକଠାରେ ଭବ୍ୟ ସମ୍ବର୍ଦ୍ଧନା ଦିଆଯାଇଥିଲା। ପରେ ପଥପ୍ରାନ୍ତ ସୁବିଧା କେନ୍ଦ୍ରରେ ଏକ ସଚେତନ ବୈଠକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଆଇଟିଆଇର ଶିକ୍ଷୟିତ୍ରୀ ସରୋଜିନୀ ଦାସ ସଭା ପରିଚାଳନା କରିଥିବା ବେଳେ ମୁଖ୍ୟ ଅତିଥି ଭାବେ ସ୍ଥାନୀୟ ବିଧାୟକ ସାଲୁଗା ପ୍ରଧାନ, କନ୍ଧମାଳ ଡିଏସ୍‌ପି (ଆକାଉଣ୍ଟ ) ହୃଷୀକେଶ ନାୟକ, ବ୍ଲକ ଅଧ୍ୟକ୍ଷ ସୁଶାନ୍ତ କୁମାର ପ୍ରଧାନ, ବିଡିଓ ଗଦାଧର ପାତ୍ର, ତହସିଲଦାର ଶରତ ଶବର ପ୍ରମୁଖ ଯୋଗଦାନକରି ସାଇବର ଠକେଇରୁ କିଭଳି ସୁରକ୍ଷା ମିଳିବ ସୂଚନା ପ୍ରଦାନ କରିଥିଲେ। ସେହିପରି ସାଇବର ସେଲର ଇନ୍ସପେକ୍ଟର ତରୁଣ ତପନ ବେହେରା, ସାଇବର ଏକ୍ସପର୍ଟ ସୋମ୍ୟରଞ୍ଜନ ସାହୁ, ଅଧିକାରୀ ସନ୍ତୋଷ ଦାସ, ଦାରିଙ୍ଗବାଡି ଭାରତୀୟ ଷ୍ଟେଟ ବ୍ୟାଙ୍କର



ଶାଖା ପରିଚାଳକ ବ୍ରଜକିଶୋର ପାଢ଼ୀ ପ୍ରମୁଖ ଲୋକଙ୍କୁ ଏହି ସୁରକ୍ଷା ସମ୍ପର୍କରେ ବୁଝାଇଥିଲେ। ସଙ୍ଗୀତ, ନୃତ୍ୟ ମାଧ୍ୟମରେ କଳାକାରମାନେ ସଚେତନ କରିଥିଲେ ।

**ରାୟଗଡ଼(ଗଜପତି)**
ରାୟଗଡ଼ ବ୍ଲକ କାର୍ଯ୍ୟାଳୟଠାରେ ସାଇବର ସେଫ୍‌ଟି ସଚେତନତା ରଥକୁ ବ୍ଲକ କାର୍ଯ୍ୟାଳୟଠାରେ ସ୍ୱାଗତ ଓ ସମ୍ବର୍ଦ୍ଧନା ଦିଆଯାଇଥିଲା। ସଚେତନତା କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଗଜପତି ଏସ୍‌ପି ସ୍ୱାତି ଏସ୍ କୁମାର ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଡିଏସ୍‌ପି କୈଳାସ ଚନ୍ଦ୍ର ବୁରୁଦା, ଏସ୍‌ଡିପିଓ ମାଧବାନନ୍ଦ ନାୟକ, ବିଡିଓ ସୁଧୀର କୁମାର ସିଂ, ଟିଡିସିସି ଡାଇରେକ୍ଟର ଅନ୍ତର୍ଯ୍ୟାମୀ ଗମାଙ୍ଗ, ସାଇବର ଏକ୍ସପର୍ଟ ସଞ୍ଜୟ ପାଢ଼ୀ ମଞ୍ଚାସୀନ ଥିଲେ।

**ବେଲଗୁଣ୍ଠା,(କୃଷ୍ଣ ଚନ୍ଦ୍ର ପଟ୍ଟନାୟକ)**
ବୁଧବାର ଗାଙ୍ଗପୁର ଭାରପ୍ରାପ୍ତ ଥାନା ଅଧିକାରୀ ଶୁଭ୍ରଜିତ ସାମନ୍ତରାୟଙ୍କ ନେତୃତ୍ୱରେ କେନ୍ଦୁପଦର ସ୍ଥିତ ନିମିନା ବୃନ୍ଦାବନ ଚନ୍ଦ୍ର ମହାବିଦ୍ୟାଳୟ ପରିସରରେ ଏକ ସାଇବର ଅପରାଧ ସଚେତନତା ସଭା ଅନୁଷ୍ଠିତ ହୋଇଥିଲା। ଅନୁଷ୍ଠାନର ଅଧ୍ୟକ୍ଷ ହରିଶଙ୍କର ପାଣ୍ଡେଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ରୂପେ ଗଞ୍ଜାମ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ରଞ୍ଜିତ କୁମାର ପୃଷ୍ଟି ଯୋଗ ଦେଇଥିଲେ। ଏହି ଅବସରରେ ସେଠାରେ ଗଞ୍ଜାମ ସାଇବର ଅପରାଧ ସମ୍ପର୍କରେ ଏକ ସଚେତନଧର୍ମୀ କ୍ଷୁଦ୍ର ନାଟକ ମଞ୍ଚସ୍ଥ ହୋଇଥିଲା। ସାଇବର୍ ଏକ୍ସପର୍ଟ ଅକ୍ଷୟ କୁମାର ଜେନା ଛାତ୍ରୀଛାତ୍ରଙ୍କୁ ସଚେତନ କରାଇଥିଲେ।

**କ.ନୂଆଗାଁ (କାଳୀପ୍ରସାଦ ତ୍ରିପାଠୀ):**
କ.ନୂଆଗାଁ ଥାନା ଅଧିକାରୀ କୁମର ମୁଦୁଲିଙ୍କ ନେତୃତ୍ୱରେ ଅନୁଷ୍ଠିତ ସାଇବର ସଚେତନତା କାର୍ଯ୍ୟକ୍ରମରେ ଓ.ପି.ଏସ ହୃଷିକେଶ ନାୟକ,ସାଇବର କ୍ରାଇମ ଥାନା ଅଧିକାରୀ ତପନ ତରୁଣ ବେହେରା କ.ନୂଆଗାଁ ଅତିରିକ୍ତ ତହସିଲଦାର ସନ୍ତୋଷ କୁମାର ନାହାକ, କ.ନୂଆଗାଁ ଜିଲା ପରିଷଦ ସଭ୍ୟା ଅନିତା ମଲିକ, ଉପାଧ୍ୟକ୍ଷ ଧବଳେଶର ପାତ୍ର, ବରିଷ୍ଠ ନାଗରିକ ପ୍ରଫୁଲ୍ଲ ଚନ୍ଦ୍ର ଦାଶ ଉପସ୍ଥିତ ଥିଲେ। କ.ନୂଆଗାଁ ଜଗନ୍ନାଥ ମନ୍ଦିର ସମ୍ମୁଖରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ କ.ନୂଆଗାଁ ହାଇସ୍କୁଲର ପ୍ରଧାନ ଶିକ୍ଷକ ମନୋଜ କୁମାର ରଥ, ଶିକ୍ଷକ କୃଷ୍ଣଚନ୍ଦ୍ର ଦାସ ଓ ଶିକ୍ଷକ ଶିକ୍ଷୟିତ୍ରୀ ଏବଂ ଏସ୍‌ଏଚ୍‌ଜି ମହିଳା ସହଯୋଗ କରିଥିଲେ।

**ଆସିକା (ସୁରେନ୍ଦ୍ର ନାଥ ସାହୁ)**
ଆସିକା ନିକଟସ୍ଥ କୋଟିନେଡା ଥାନା ପକ୍ଷରୁ ସାଇବର ଅପରାଧ ସଚେତନତା କାର୍ଯ୍ୟକ୍ରମରେ ସଚେତନତା ରଥକୁ ସ୍ୱାଗତ କରାଯାଇଥିଲା । ଏସଡିପିଓ. ଉମାଶଙ୍କର ସିଂଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ଅତିରିକ୍ତ ଏସ୍‌ପି. ରଞ୍ଜିତ କୁମାର ପୃଷ୍ଟି, ଅତିରିକ୍ତ ତହସିଲଦାର ଦେବୀ ପ୍ରସାଦ ବାରିକ, କଲେଜ ଅଧ୍ୟକ୍ଷ ଡ. ଜିବାନନ୍ଦ ତ୍ରିପାଠୀ, ବ୍ୟାଙ୍କ ମେନେଜର ସୌମେନ୍ଦ୍ର ପାଣିଗ୍ରାହୀ ଯୋଗଦେଇଥିଲେ।

